visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.234, Bhubaneswar Tuesday, October 29, 2019 | ୨୨ତମ ବର୍ଷ ସଂଖ୍ୟା–୨୩୪ ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୨୯, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଦିପାବଳୀରେ ଜଘନ୍ୟ ହତ୍ୟାକାଣ୍ଡ : ରାଜଧାନୀରେ ଯୁବକଙ୍କୁ ପିଟିପିଟି ହତ୍ୟା

ଭୁବନେଶ୍ୱର, ୨୮।୧୦(ପି.ଏନ): ଦିପାବଳୀ ଦିନ ବିଳମ୍ବିତ ରାତିରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନାର ପଛ ରାସ୍ତାରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଉଛନ୍ତି ସୁନ୍ଦରପଦାର ଅମରେଶ ନାୟକ। ପୋଲିସ ଶବ ଜବତ କରିବା ସହ ଘଟଣାର ଛାନଭିନ୍ ଆରମ୍ଭ କରିଛି। ଅପରପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୂର୍ବତନ କର୍ପୋରେଟର ମଂଟୁ ଓରଫ ଦେବୀ ନନ୍ଦକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଘଟଣାସ୍ଥଳ ଓ ଆଖପାଖ ଅଂଚଳରୁ ୫ଟି ଅଫୁଟା ବୋମା ଜବତ କରିଛି । ଅଭିଯୋଗ ଅନୁସାରେ, ଦୀପାବଳୀ ପାଇଁ ଅମରେଶ ତାଙ୍କ ସାଙ୍ଗ ଚନ୍ଦନ, ପୁଟୁଲ ଆଦି କିଛି ଯୁବକ ଏକାମ୍ର କଲେଜ ନିକଟରେ ଭୋଜି କରୁଥିଲେ। ଭୋଜି ବେଳେ ସେଠାରେ ବାଣ ଫୁଟାଇଥିଲେ। ଏହାକୁ ସୁନ୍ଦରପଦାର ଜଣେ ଯୁବକ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଯୁବକଜଣକ ସେଠାରୁ ପଳାଇଯାଇଥିଲେ। ରାତି ପ୍ରାୟ ୧୨ଟା ବେଳେ ୬୭ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ଦେବୀ ନନ୍ଦଙ୍କ ସହ ୨୦ରୁ ଅଧିକ ଯୁବକ ସେଠାରେ ପହଂଚି ଅମରେଶ ଓ ତାଙ୍କ ସହଯୋଗୀଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।ଜୀବନ ବଂଚାଇବାକୁ ଦୌଡି ପଳାଇଯାଉଥିବା ବେଳେ ଅନ୍ୟ ଗୋଷ୍ଠୀର ଯୁବକମାନେ ଅମରେଶଙ୍କୁ ହକିଷ୍ଟିକ, ଲୁହାଛଡ଼ ଓ ଠେଙ୍ଗାରେ ଗୋଡାଇ ଗୋଡାଇ ପିଟିଥିଲେ। ସେ ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇ ରାସ୍ତାରେ ପଡିଯିବା ପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଓ ଅମରେଶଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପୂର୍ବତନ କର୍ପୋରେଟର ଦେବୀ ନନ୍ଦଙ୍କ ସହ ଏକାଧିକ ଲୋକଙ୍କୁ ପୋଲିସ୍ ହେପାଜତକୁ ନେଇ ପଚରାଉଚରା କରୁଥିବା ବେଳେ ଏହାକୁ ବିରୋଧ କରି ଲୋକେ ଥାନା ଘେରାଉ କରିଥିଲେ । ତୁରନ୍ତ ପୂର୍ବତନ କର୍ପୋରେଟରଙ୍କୁ ଛାଡିବା ଓ ହତ୍ୟାକାରୀଙ୍କୁ ଗିରଫ ଦାବି କରି ଲୋକେ ହୋହଲ୍ଲା କରିଥିଲେ । ଫଳରେ ସେଠାରେ ଉତେଜନା ପ୍ରକାଶ ପାଇଥିଲା।

## ୬୨ କେଜି ଗଞ୍ଜେଇ ସହ କାର୍ ଜବତ: ୩ ଗିରଫ

କନ୍ଧମାଳ, ୨୮।୧୦(ପି.ଏନ): କନ୍ଧମାଳ ଜିଲା ରାଇକିଆ ଥାନା ଅଂଚଳରେ ପୋଲିସ ପେଟ୍ରୋଲିଂ ବେଳେ ଏକ କାର୍ ରେ ୬୨ କିଗ୍ରା ଗଞ୍ଜେଇ ଫିରିଙ୍ଗିଆ ଅଂଚଳରୁ ଭୁବନେଶ୍ୱରକୁ ଚାଲାଣ ହେଉଥିବା ସମୟରେ ପୋଲିସ ହାତରେ ଧରାପଡିଛି । ମାମଲାରେ ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

୨୭ ତାରିଖ ସକାଳେ ଏକ କାର୍ ଯୋଗେ ଏହି ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ପୂର୍ବ ସୁଚନା ପାଇ ରାଇକିଆ ଥାନା ଅଧିକାରୀ ଅଲେଖ ଗରଡିଆ ସବଇନିସ୍ପେକ୍ଟର ବିଜୟ ସ୍ୱାଇଁ, ଅଭୟ ପ୍ରଧାନଙ୍କ ସମେତ ସଦଳବଳେ ପେଟ୍ରୋଲିଂ କରୁଥିବାବେଳେ ଏକ କାର୍ ନଂ ( ଏଜେ ୦୨ ୯୫୨୭)କୁ ତନଖି କରିବାପରେ ସେଥିରୁ ଏହି ଗଞ୍ଜେଇ ବାହାରିଥିଲା। ଘଟଣାରେ ଅଭିଯୁକ୍ତ ନୟାଗଡ ଅଂଚଳର ରବିନ୍ଦ୍ର ଖୁଂଟିଆ ଓ ଫିରିଙ୍ଗିଆ କେଲାପଡା ଅଂଚଳର ଟୁକୁନା ଦିଗାଲ ଏବଂ ଅମ୍ବେଦକର ବାଗ୍ ସହ ୩ଜଣଙ୍କୁ ପୋଲିସ ଗିରଫ କରିଛି । ଏ ସଂକ୍ରାନ୍ତରେ ଏକ ମାମଲା ୭୫/୧୯ ରେ ରୁଜୁ କରି ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ରାଇକିଆ ଥାନା ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି ।

## ମହିଳା କମିଶନ କାର୍ଯ୍ୟାଳୟ ଘେରାଉ କରି ଅଧ୍ୟକ୍ଷାଙ୍କ ଇସ୍ତଫା ଦାବି କଲା ବିଜେପି ମହିଳା ମୋର୍ଚ୍ଚା

ଭୁବନେଶ୍ୱର, ୨୮।୧୦(ପି.ଏନ): ଯାଜପୁରର ପିଇଓ ସ୍ମିତାରାଣି ବିଶ୍ୱାଳଙ୍କୁ ବଳାତ୍କାର କରାଯାଇ ହତ୍ୟା କରାଯିବା ପରେ ମହିଳା କମିଶନ ପ୍ରଥମେ ଚୁପ ରହିବା ଏବଂ ଶାସକ ବିଜେଡି ଦଳର ପ୍ରବକ୍ତା ସାଜି ମିଥ୍ୟା ବୟାନବାଜି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନିଜ କ୍ଷମତାର ଅପବ୍ୟବହାର କରିଥିବା ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରାଙ୍କ ଇସ୍ତଫା ଦାବି କରି ଆଜି ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଶତାଧିକ ମହିଳା ରାଜ୍ୟ ମହିଳା କମିଶନ ଅଫିସ ଘେରାଓ କରିଥିଲେ । ଶତାଧିକ ମହିଳା କର୍ମୀ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପରେ କାର୍ଯ୍ୟାଳୟ ମଧ୍ୟକୁ ଧଶେଇ ପଶିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ପୋଲିସ୍ କର୍ମୀ ଓ ମହିଳା କର୍ମକର୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ୍ କିଛି କର୍ମୀଙ୍କୁ ଉଠାଇ ନେଇ ଅଟକ ରଖିଥିଲା। ବିଜେପି ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ପ୍ରଭାତି ପରିଡା ଅଭିଯୋଗ କରିଛନ୍ତି ଯେ ଗତ ୧୯ ତାରିଖରେ ମହିଳା କମିଶନ ଅଧ୍ୟକ୍ଷା ଯାଜପୁର ଯାଇ ତଦନ୍ତ କରିଛନ୍ତି ବୋଲି କହିବା ସଂପୂର୍ଣ୍ଣ ମିଥ୍ୟା । ଯଦି ମହିଳା କମିଶନ ନିରପେକ୍ଷ ତଦନ୍ତ କରିଛନ୍ତି ବୋଲି କହୁଛନ୍ତି ତେବେ ସେହି ରିପୋର୍ଟକୁ ସେ ସାର୍ବଜନୀନ କରନ୍ତୁ। ମୃତା ସ୍ମିତାରାଣୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯାଉ । ଏଥିସହ ଯାଜପୁର ଏସପି ଯେପରି ଗଣମାଧ୍ୟମ ଆଗରେ ମୃତା ସ୍ମିତାରାଣୀଙ୍କ ଚରିତ୍ରହନନ କଲେ, ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀମତୀ ପରିଡା ଦାବି କରିଛନ୍ତି । ଅନ୍ୟପଟେ ନିଜ ପଦବୀର ମର୍ଯ୍ୟାଦାହାନୀ କରିଥିବା ମହିଳା କମିଶନ ଅଧ୍ୟକ୍ଷା ତୁରନ୍ତ ଇସ୍ତଫା ନଦେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବିରୋଧ ପ୍ରଦର୍ଶନ କରାଯିବ ବୋଲି ଶ୍ରୀମତୀ ପରିଡା ଚେତାବନୀ ଦେଇଛନ୍ତି । ଏହି ଘେରାଉ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ପିଙ୍କି ପ୍ରଧାନ, ବବିତା ପାତ୍ର, ଅନୀତା ଶୁଭଦର୍ଶିନୀ, କାନନବାଳା ପଟ୍ଟନାୟକ, ନିୟତି ଗିରି, ସୋନାଲି ସାହୁ, ସୁବାସିନୀ ପୃଷ୍ଟି, ରଶ୍ମିରେଖା ଦାସ, ମନ୍ଦାକିନୀ ରଥ, ନିରୋଜ ନଳିନୀ ମହାଲ୍ଲିକ, ଯଜ୍ଞସେନୀ ଜେନା, କଳ୍ପନା ପଟ୍ଟନାୟକ, ମନସ୍ମିତା ଖୁଂଟିଆ, ଜ୍ୟୋତି ମହାପାତ୍ର, ରାଜଲକ୍ଷ୍ମୀ ଉପାଧ୍ୟାୟଙ୍କ ସମେତ ଶତାଧିକ ମହିଳା ସାମିଲ ଥିଲେ ।

## ଏସଓଏ ଭିଲେଜରେ ଦୀପାବଳୀ ପାଳିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୮।୧୦(ପି.ଏନ): ଗତକାଲି ଅନୁଷ୍ଠିତ ହୋଇଥିବା ଦିପାବଳୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସଓଏସ ଭିଲେଜକୁ ଯାଇ ସେଠାରେ ଥିବା ଛାତ୍ର ଛାତ୍ରୀ ମାନଙ୍କ ସହିତ ମିଶି ବାଣ ଫୁଟାଇ ଦିପାବଳୀ ପାଳନ କରିଥିଲେ । ସେହିପରି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଚେତନା ସ୍ୱତନ୍ତ୍ର ମହାବିଦ୍ୟାଳୟର ଭିନ୍ନକ୍ଷମ ଅନ୍ତେବାସୀଙ୍କ ସହିତ ମିଶି ମଧ୍ୟ ଅନୁରୂପ ଭାବେ ଦିପାବଳୀ ପାଳନ କରିଥିଲେ । ପିଲାମାନଙ୍କୁ ମିଠା ଖୁଆଇଥିଲେ । ସମ୍ପୃକ୍ତ ଅନ୍ତେବାସୀ ମାନଙ୍କ ସହିତ ମିଶି ଫଟୋ ଉଠାଇଥିଲେ।

## ଏନକାଉଂଟର : ଦୁର୍ଦ୍ଦାନ୍ତ ଅପରାଧୀ ଟିଙ୍ଗିରି ଦୋରା ଆହତ

ଗଞ୍ଜାମ, ୨୮।୧୦(ପି.ଏନ): ଆସିକା ପୋଲିସ ଥାନା ଅଂଚଳରେ ପୁଣି ଏକ ଏନକାଉଂଟରରେ ଦୁର୍ଦ୍ଦାନ୍ତ ଅପରାଧୀ ପି. ଶିବଶଙ୍କର ଦୋରା ଓରଫ ଟିଙ୍ଗିରି ଦୋରା (୩୨) ଆହତ ହୋଇଛି । ତା'ର ବାମ ଗୋଡର ଆଣ୍ଠୁରେ ଗୁଳି ବାଜିଛି । ଗୁରୁତର ଆହତ ଟିଙ୍ଗିରିକୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତି କରାଯାଇଛି । ଗତକାଲି ରାତିରେ ଟିଙ୍ଗିରି ପାଣ୍ଡିଆପଥର ଗ୍ରାମରେ ବଳରାମ ସେଠୀ ନାମକ ଜଣେ ବ୍ୟକ୍ତିଙ୍କୁ ଗୁଳି ମାଡ କରିଥିଲା । ଖବର ପାଇ ଆସିକା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଟିଙ୍ଗିରିକୁ ଧରିବାକୁ ଉଦ୍ୟମ ଚଳାଇଥିଲା ।

## ଗୋଲବଜାର ପରିବା ମାର୍କେଟରେ ଅଗ୍ନିକାଣ୍ଡ ; ୮୦ ରୁ ଉର୍ଦ୍ଧ୍ୱ ଦୋକାନ ଜଳିଗଲା

ସମ୍ବଲପୁର, ୨୮।୧୦(ପି.ଏନ): ସମ୍ବଲପୁର ସହରର ଗୋଲବଜାରସ୍ଥିତ ପରିବା ମାର୍କେଟ୍ ରେ ଗତକାଲି ବିଳମ୍ବିତ ରାତିରେ ନିଆଁ ଲାଗି ୮୦ ରୁ ଉର୍ଦ୍ଧ୍ୱ ଦୋକାନ ଜଳି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ପନିପରିବା ଏବଂ ଦୋକାନର ଅନ୍ୟାନ୍ୟ ଆସବାବପତ୍ର ଜଳିପଡି ଛାରଖାର୍ ହୋଇଯାଇଛି । ସୂଚନା ଅନୁଯାୟୀ, ଗତକାଲି ଦୀପାବଳୀ ଥିବାରୁ କେହି ଦୋକାନୀ ହୁଏତ ଦୋକାନରେ ଦୀପ ଲଗାଇ ଘରକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି । ଏପରିକି କେହି ନିଆଁ ଲଗାଇ ଦେଇଥିବା କ୍ଷତିଗ୍ରସ୍ତ ଦୋକାନୀ ମାନେ ଅଭିଯୋଗ କରିଛନ୍ତି । ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ । ଅନ୍ୟପକ୍ଷରେ କେହି ଜାଣି ଶୁଣି ଅଥବା ମନ୍ଦ ଉଦ୍ଦେଶ୍ୟ ରଖି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଂଚି କ୍ଷୟକ୍ଷତିର ଆକଳନ କରିଛନ୍ତି । ଉପଜିଲ୍ଲାପାଳ କହିଛନ୍ତି ଯେ, ଘଟଣାର ତଦନ୍ତ ପ୍ରକ୍ରିୟା ଜାରୀ ରହିଛି । ତଦନ୍ତ ରିପୋର୍ଟ ଆସିବା ପରେ କିପରି ଓ କେଉଁ ପରିସ୍ଥିତିରେ ନିଆଁ ଲାଗିଲା ତା'ର ପ୍ରକୃତ କାରଣ ସ୍ପଷ୍ଟ ହେବ । ପ୍ରକାଶ ଥାଉକି, ଗତ ରାତିର ଅଗ୍ନିକାଣ୍ଡ ଘଟଣାକୁ ମିଶାଇ ଗୋଲବଜାର ପରିବା ମାର୍କେଟ୍ ରେ ୪ ଥର ନିଆଁ ଲାଗି ସାରିଲାଣି । ତେଣୁ ଅନ୍ୟ ସ୍ଥାନକୁ ଏହି ପରିବା ମାର୍କେଟ୍ କୁ ସ୍ଥାନାନ୍ତର କରିବାକୁ ଦୋକାନୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ୫୮୭ଟି ଥାନା ପାଇଁ ବାର୍ଷିକ ୧୭.୫ କୋଟି ଟଙ୍କାର ଅତିରିକ୍ତ କଂଟିଜେନ୍ସି ଫଣ୍ଡ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦(ପି.ଏନ): ମୋ ସରକାର କାର୍ଯ୍ୟକ୍ରମ ମାଧ୍ୟମରେ ଥାନା ଗୁଡିକ ଯେପରି ଅଧିକ ଦକ୍ଷତାର ସହ ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇ ଦେଇପାରିବ ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସମସ୍ତ ୫୮୭ଟି ଥାନା ପାଇଁ ବାର୍ଷିକ ୧୭.୫ କୋଟି ଟଙ୍କାର ଅତିରିକ୍ତ କଂଟିଜେନ୍ସି ଫଣ୍ଡ ମଂଜୁର କରିଛନ୍ତି।ଭୁବନେଶ୍ୱର - କଟକ ପୋଲିସ୍ କମିଶନରେଟ୍ ରେ ଥିବା ସମସ୍ତ ୪୪ ଟି ଥାନା ପାଇଁ ମାସିକ ୪୦ ହଜାର ଟଙ୍କା ଲେଖାଏଁ ୧୪୨ଟି ସହରାଂଚଳ ଥାନା ପାଇଁ ମାସିକ ୩୦ ହଜାର ଟଙ୍କା ଲେଖାଏଁ ଓ ୩୫୧ଟି ଗ୍ରାମାଂଚଳ ଥାନା ପାଇଁ ମାସିକ ୨୦ ହଜାର ଟଙ୍କା ଲେଖାଏଁ ମଂଜୁର କରାଯାଇଛି। ସେହିପରି ୪ଟି ମହିଳା ଥାନା ,୫ ଟି ଟ୍ରାଫିକ୍ ଥାନା , ୧୫ଟି ରେଳବାଇ ଥାନା, ୪ଟି ସାଇବର ଥାନା , ଗୋଟିଏ ଅର୍ଥନୈତିକ ଅପରାଧ ଥାନା, ଗୋଟିଏ ଏସଟିଏଫ୍ ଥାନା , ଗୋଟିଏ ଏଚଆରପିସି ଥାନା , ଗୋଟିଏ କ୍ରାଇମବ୍ରାଂଚ ଥାନା ନିମନ୍ତେ ପ୍ରତ୍ୟେକଙ୍କୁ ମାସିକ ୩୦ ହଜାର ଟଙ୍କା ଲେଖାଏଁ ମଂଜୁର କରାଯାଇଥିବା ବେଳେ ରାଜ୍ୟର ଉପକୂଳରେ ଥିବା ୧୮ଟି ସାମୁଦ୍ରିକ ଥାନା ଗୁଡିକ ପାଇଁ ମାସିକ ୨୦ ହଜାର ଟଙ୍କା ଲେଖାଏଁ ମଂଜୁର କରାଯାଇଛି।

## କିସ୍ ପରିଦର୍ଶନରେ ଆମେରିକା କନ୍ସୁଲ ଜେନେରାଲ୍



ଭୁବନେଶ୍ୱର, ୨୮।୧୦: ହାଇଦ୍ରାବାଦ୍‌ସ୍ଥିତ ଆମେରିକା କନ୍‌ସୁଲେଟ୍ ଜେନେରାଲ୍‌ରେ ଅବସ୍ଥାପିତ କନ୍‌ସୁଲ୍ ଜେନେରାଲ୍ ଜୋଏଲ୍ ରେଫ୍‌ମ୍ୟାନ୍ ସୋମବାର କିସ୍ ଓ କିଟ୍ ପରିଦର୍ଶନ କରିଛନ୍ତି। ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ପରିଦର୍ଶନ କରିବା ସହ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହି ଅବସରରେ କିସ୍‌ର ୨୭ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଲେ, ଏହା ମୋର ପ୍ରଥମ ଓଡ଼ିଶା ଗସ୍ତ ହୋଇଥିବା ବେଳେ କିସ୍ ପରିଦର୍ଶନ କରି ନିଜକୁ ଭାଗ୍ୟବାନ ମନେକରୁଛି। କିସ୍ ସହ ଆମେରିକାର ସଂପର୍କ ଦୀର୍ଘଦିନରୁ ରହିଆସିଛି। କିସ୍ ବିଷୟରେ ମୁଁ ମୋର ଉଚ୍ଚ କର୍ତୃପକ୍ଷଙ୍କଠାରୁ ପୂର୍ବରୁ ଶୁଣିଥିଲି। କିସ୍ ପରିଦର୍ଶନ ପରେ ମୁଁ ଅଭିଭୂତ ହୋଇଛି। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, କିସ୍‌ରେ ମୁଁ ଭାରତର ଭବିଷ୍ୟତ ଦେଖିପାରୁଛି। ବିଶ୍ୱର ଏକ ସର୍ବୋତ୍କୃଷ୍ଟ ସ୍କୁଲ୍‌ରେ ପଢୁଥିବାରୁ ତୁମେମାନେ ଗର୍ବ ଅନୁଭବ କରିବା ଉଚିତ ବୋଲି କହିଥିଲେ। କିସ୍ ସହ ସଂପର୍କ ଯୋଗୁଁ ଆମେରିକା ମଧ୍ୟ ଗର୍ବିତ ବୋଲି ସେ କହିଥିଲେ। ଏକ ଛୋଟ ବିଦ୍ୟାଳୟରୁ ଆରମ୍ଭ ହୋଇଥିବା କିସ୍ ଆଜି ବିଶ୍ୱର ସର୍ବ ବୃହତ ଆବାସିକ ଜନଜାତି ଅନୁଷ୍ଠାନ ହୋଇପାରିଛି। ଏଥିପାଇଁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ପ୍ରଶଂସନୀୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ କିଟ୍ ଓ କିସ୍ ସଂପାଦକ ଆର ଏନ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିମିଳିପାଳ ରବର ଚାରା ଦୁର୍ନୀତି ମାମଲାରେ ୫ ଆଇଏଏସ୍‌ଙ୍କୁ ଲୋକାୟୁକ୍ତଙ୍କ ନୋଟିସ୍

ଭୁବନେଶ୍ୱର, ୨୮ ଅକ୍ଟୋବର- ଶିମିଳିପାଳ ଜଙ୍ଗଲରେ ରବର ଗଛ ଚାରା ରୋପଣ ଦୁର୍ନୀତି ମାମଲାରେ ଲୋକାୟୁକ୍ତ ୫ଜଣ ଆଇଏଏସ୍ ଅଫିସରଙ୍କୁ ନୋଟିସ୍ ଜାରୀ କରିଛନ୍ତି। ନଭେମ୍ବର ୨୨ ତାରିଖ ସୁଦ୍ଧା ଏସମ୍ପର୍କରେ ଉତର ରଖିବା ପାଇଁ ସେମାନଙ୍କୁ କୁହାଯାଇଛି। ମାମଲାର ପରବର୍ତୀ ଶୁଣାଣୀ ନଭେମ୍ବର ୨୮ ତାରିଖରେ ହେବ। ଗଣମାଧ୍ୟମରେ ପ୍ରକାଶ ପାଇଥିବା ସମ୍ବାଦକୁ ଭିତି କରି ଲୋକାୟୁକ୍ତ ନିଜ ଆଡୁ ମାମଲା ରୁଜୁ କରିଥିଲେ । ୨୦୧୩ ରୁ ୨୦୧୮ ମଧ୍ୟରେ ଶିମିଳିପାଳରେ ୮୧ ଲକ୍ଷ ୧୮ ହଜାର ଟଙ୍କାର ଚାରା ଲଗାଯାଇଥିଲା।

## ମହାବାତ୍ୟାକୁ ପୁରିଲା ୨୦ ବର୍ଷ

ପାରାଦୀପ, ୨୮।୧୦(ପି.ଏନ): ପ୍ରଳୟଙ୍କାରୀ ମହାବାତ୍ୟା ୨୧ ବର୍ଷରେ ପାଦ ଥାପିଛି । ହେଲେ ପାରାଦୀପ ସମୁଦ୍ରର ଅତି ନିକଟରେ ରହୁଥିବା ଷଣ୍ଢକୁଦ ବସ୍ତିବାସୀନ୍ଦା ସେହିଦିନ ବାତ୍ୟାର କରାଳ ରୁପକୁ ଏଯାଏ ଭୁଲିପାରି ନାହାନ୍ତି। ଏହା ଭିତରେ ୨୦ ବର୍ଷ ବିତି ଯାଇଥିଲେ ମଧ୍ୟ ସେଠାରେ ବାତ୍ୟା ଆଶ୍ରୟ ସ୍ଥଳ ଟିଏ ନିର୍ମାଣ ହୋଇ ପାରିନାହିଁ। କେବଳ ଫଳକ ମାରିଦେଇ ପ୍ରଶାସନ ଚୁପ୍ ହୋଇ ବସିଯାଇଛି। ଯାହାକୁ ନେଇ ବସ୍ତି ବାସୀନ୍ଦାଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ସେହି ସ୍ମୃତିକୁ ମନେ ରଖିବା ପାଇଁ ତତକାଳିନ ପାରାଦୀପ ବନ୍ଦର ଅଧ୍ୟକ୍ଷ ମଧୁବନ ଠାରେ ନିର୍ମାଣ କରିଥିଲେ ସ୍ମୃତି ଉଦ୍ୟାନ। ସେହିଭଳି ସାମୁଦ୍ରିକ ଝଡ ଓ ପାଣିପାଗ ସଂପର୍କରେ ଆଗୁଆ ସୁଚନା ପାଇବା ପାଇଁ କେନ୍ଦ୍ର ସରକାର ପାରାଦୀପରେ ପ୍ରତିଷ୍ଠା କରିଛନ୍ତି ଡାପଲର ରାଡାର କେନ୍ଦ୍ର। ଯାହା ଅନେକ ସମୟରେ ପ୍ରାୟତଃ ଅଚଳ ହୋଇରହିଥାଏ। ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ଠିକ୍ ଆଜିର ଦିନରେ ପ୍ରଳୟଙ୍କାରୀ ମହାବାତ୍ୟା ପାରାଦୀପ ବାସୀଙ୍କ ପାଇଁ ଏକ ଅଭୁଲା ଦିନ। ଖାସ୍ କରି ସମୁଦ୍ର କୂଳର ଅତି ନିକଟରେ ରହୁଥିବା ଷଣ୍ଢକୁଦ ବାସୀଙ୍କର ଏଥିରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଥିଲା। ସମୁଦ୍ରକୂଳର ବାଲି ଉପରେ ଗଢି ଉଠିଛି ଏହି ଷଣ୍ଢକୁଦ ବସ୍ତି। ଉଚ୍ଚ ଜୁଆରରୁ ଜନବସତିକୁ ରକ୍ଷା କରିବା ପାଇଁ କୌଣସି ପ୍ରତିବନ୍ଧକ ନଥିଲା। କିଛି ଜାଣିବା ପୂର୍ବରୁ ସମୁଦ୍ର ପାଣି ବସ୍ତି ଭିତରକୁ ମାଡି ଆସିଥିଲା। ଫଳରେ ବସ୍ତି ଭିତରେ ଦୁଇଟି ଘାଇ ସୃଷ୍ଟି ହୋଇ ସମୁଦ୍ରର ଜୁଆର ପାଣିରେ ଭାଷିଯାଇ ଶତାଧିକ ଲୋକ ପ୍ରାଣ ହରାଇଲେ । ଦୀର୍ଘ ୨୦ ବର୍ଷ ପରେ ଷଣ୍ଢକୁଦ ବସ୍ତିର ଚିତ୍ର ସାମାନ୍ୟ ବଦଳି ଥିଲେ ବି ଅବସ୍ଥିତିରେ ପରିବର୍ତନ ହୋଇନି କି ପ୍ରମୁଖ ଅସୁବିଧା ଦୂର ହୋଇନି। ଦିର୍ଘ ବର୍ଷ ତଳୁ ବସ୍ତି ମଝିରେ ବାତ୍ୟା ଆଶ୍ରୟସ୍ଥଳ ତିଆରି ପାଇଁ ଶିଳାନ୍ୟାସ ହୋଇଥିଲେ ବି ତାହା କେବଳ ଫଳକରେ ସୀମିତ ରହିଛି। ତେଣୁ ୨୦ ବର୍ଷ ତଳର ସେହି କ୍ଷତ ଅନେକାଂଶରେ ଆଜି ମଧ୍ୟ ଅପୂରଣୀୟ ହୋଇ ରହିଛି। ତେବେ ଯା ଭିତରେ ଫାଇଲିନ୍, ହୁଡହୁଡ୍, ତିତଲି ଓ ଫନି ଭଳି ବାତ୍ୟା ଗଲାଣି। ହେଲେ ମହାବାତ୍ୟାରେ ଶିହରି ଉଠିଥିବା ଷଣ୍ଢକୁଦବାସୀ ଏ ପର୍ଯ୍ୟନ୍ତ ନିଜକୁ ସୁରକ୍ଷିତ ମଣି ପାରି ନାହାନ୍ତି। ଦିର୍ଘ ୨୦ ବର୍ଷ ପରେ ବସ୍ତିର ମାନଚିତ୍ର କିଛି ମାତ୍ରାରେ ବଦଳି ଥିଲେ ମଧ୍ୟ ବସ୍ତିରେ ରହୁଥିବା ପ୍ରାୟ ୧୫ ହଜାର ଲୋକଙ୍କ ପାଇଁ ଏଯାଏ ଗୋଟିଏ ବାତ୍ୟା ଆଶ୍ରୟ ସ୍ଥଳ ତିଆରି ହୋଇ ପାରିନାହିଁ। ଏବେବି ବାତ୍ୟା ଆସିବାର ଶୁଣିଲେ ବସ୍ତିବାସୀନ୍ଦା ଆତଙ୍କିତ ହୋଇ ପଡନ୍ତି। ଏଥିସହ ୧୯୯୯ ମହାବାତ୍ୟାରେ ଅଙ୍ଗେ ନିଭାଇଥିବା ବିଭୀଷିକାକୁ ମନେ ପକାଇ ଶିହରୀ ଉଠନ୍ତି ଏମାନେ। ଅତୀତରେ ହରାଇଥିବା ନିଜର ପରିବାର ସ୍ୱଜନଙ୍କ କଥାଭାବି ଆଖି ଛଳ ଛଳ କରି ପକାନ୍ତି। ଲୁଣା ଜୁଆରରେ ଭାସିଯିବା ପରେ ବଂଚି ଯାଇଥିବା ଜୟଦେବ ମାନ୍ନା, ପ୍ରଦିପ ତ୍ରିପାଠୀ, ନିତ୍ୟାନନ୍ଦ ବେହେରା ଓ ରଙ୍ଗ ସିଂ ଙ୍କ ଭଳି କେତେଜଣ ସେହି ଅନୁଭୂତି କଥା ବର୍ଣ୍ଣନା କରିବାକୁ ଯାଇ ଭାବବିହ୍ୱଳ ହୋଇ ଉଠନ୍ତି। ସେଭଳି ବିପଦ ଆଉ କେବେ ନଆସୁ ବୋଲି ଭଗବାନଙ୍କୁ ପ୍ରାର୍ଥନା କରନ୍ତି। ତେଣୁ ବସ୍ତିରେ ବାତ୍ୟା ଆଶ୍ରୟ ସ୍ଥଳଟିଏ ନିର୍ମାଣ କରିବାକୁ ଦାବି କରିଛନ୍ତି ଷଣ୍ଢକୁଦ ବାସିନ୍ଦା।ସେହିଭଳି ଏଥିରୁ ବାଦ୍ ପଡି ନଥିଲା ବନ୍ଦରନଗରୀ ପାରାଦୀପ। ସେହି ବତ୍ୟାରେ ଅନେକ କିଛି ଉଜୁଡି ଯାଇଥିଲେ ମଧ୍ୟ ପାରାଦୀପ ବନ୍ଦର ପୁଣିଥରେ ବ୍ୟବସାୟିକ କ୍ଷେତ୍ରରେ ଶିର୍ଷ ସ୍ଥାନରେ ପହଁଚିବାରେ ସକ୍ଷମ ହୋଇ ପାରିଛି। ତେବେ ପାରାଦୀପ ବାସୀଙ୍କ ପାଇଁ ୯୯ ମହାବାତ୍ୟା ଥିଲା ଏକ ହୃଦୟ ବିଦାରକ ଘଟଣା। ତେଣୁ ସେହି ସ୍ମୃତିକୁ ମନେ ରଖିବା ପାଇଁ ତତକାଳିନ ବନ୍ଦର ଅଧ୍ୟକ୍ଷଙ୍କ ଉଦ୍ୟମରେ ତିଆରି ହୋଇଥିଲା ସ୍ମୃତି ଉଦ୍ୟାନ ଏବଂ ଏହି ଉଦ୍ୟାନ ଭିତରେ ରହିଛି ସ୍ମୃତି ସ୍ତମ୍ଭ। ସେହି ସ୍ମୃତି ଉଦ୍ୟାନ ଓ ସ୍ମୃତିସ୍ତମ୍ଭ ବୟାନ କରୁଛି ମହାବାତ୍ୟାର ବିଭୀଷିକାମୟ କାହାଣୀକୁ। ପ୍ରତ୍ୟେକଦିନ ଏଠାକୁ ବୁଲି ଆସୁଥିବା ଲୋକେ ଏହି ଉଦ୍ୟାନର ସୌନ୍ଦର୍ଯ୍ୟ ଉପଭୋଗ କରିବାସହ ସ୍ମୃତିସ୍ତମ୍ଭ ନିକଟରେ ଅବସର ସମୟ କଟାଇ ମୃତକ ମାନଙ୍କ ପ୍ରତି ଗଭିର ସମବେଦନା ଜଣାଇଥାନ୍ତି। ଅନ୍ୟପଟେ ପୂର୍ବ ଉପକୂଳରେ ସାମୁଦ୍ରିକ ଝଡ଼, ସୁନାମୀ ଓ ଲଘୁଚାପ ଭଳି ପ୍ରାକୃତିକ ବିପର୍ଯ୍ୟୟ ତଥା ପାଣିପାଗର ଆଗୁଆ ସୂଚନା ପାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାରାଦୀପରେ ଏକ ଅତ୍ୟାଧୁନିକ ଡାପଲର୍ ରାଡାର ପ୍ରତିଷ୍ଠା ହୋଇଥିଲା। ୧୫ କୋଟିରୁ ଅଧିକ ଟଙ୍କା ବ୍ୟୟରେ ତିନି ବର୍ଷ ତଳୁ ଏହା କାର୍ଯ୍ୟକ୍ଷମ ହୋଇସାରିଲାଣି। ଏହା କାର୍ଯ୍ୟକାରୀ ହେଲେ ଝଡ଼ ବାତ୍ୟା ଘଡଘଡି ସମ୍ପର୍କରେ ଜନସାଧାରଣ ସିଧାସଳଖ ସୂଚନା ପାଇପାରିବେ ବୋଲି ସାଧାରଣରେ ଧାରଣା ସୃଷ୍ଟି ହୋଇଥିଲା। ମାତ୍ର ପାରାଦୀପରେ ରାଡାର କେନ୍ଦ୍ର ଥିଲେ ବି ଆଗଭଳି ଟିଭିରୁ ବାତ୍ୟା ସମ୍ପର୍କରେ ସୂଚନା ଜାଣୁଥିବା ଲୋକେ କୁହନ୍ତି। ଚାଇନା ନିର୍ମିତ ଏହି ରାଡାରର ଯନ୍ତ୍ରପାତି ବାରମ୍ବାର ଖରାପ ହୋଇଯାଉଥିବାରୁ ଅନେକ ସମୟରେ ଏହା ଅଚଳ ରହୁଥିବା ଜଣାଯାଇଛି। ଚୀନରୁ ଯନ୍ତ୍ରାଂଶ ଆସିଲେ ଏହାର ମରାମତି ହେଉଥିବା ଅଭିଯୋଗ ହେଉଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଂଟନରେ ବ୍ୟାପକ ଅନିୟମିତତାକୁ ନେଇ ସରକାରଙ୍କୁ ଘେରିଲା ବିଜେପି

ଭୁବନେଶ୍ୱର, ୨୮।୧୦(ପି.ଏନ): ସାରା ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଚାଲିଛି। ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକର ତିନୋଟି ପଂଚାୟତରେ ହୋଇଥିବା ଦୁର୍ନୀତି ଦର୍ଶାଉଛି ରାଜ୍ୟରେ କେମିତି ଚାଲିଛି ପକ୍କାଘର ଦୁର୍ନୀତି । ନିଶ୍ଚିନ୍ତକୋଇଲି ବ୍ଲକର ଦାଉଦପୁର ପଚାଂୟତର ସମୁଦାୟ ପରିବାର ସଂଖ୍ୟା ହେଉଛି ୧୨୦୮ । ସେଥିରୁ ୨୦୧୧ ସାମାଜିକ ଅର୍ଥନୈତିକ ଗଣନା ରିପୋର୍ଟ ଅନୁସାରେ ୭୬୮ ପରିବାର ପକ୍କାଘର ପାଇବା ପାଇଁ ଯୋଗ୍ୟ। ହେଲେ ସେହି ପଂଚାୟତରେ ୧୪୨୧ ପରିବାରକୁ ପକ୍କାଘର ମିଳିଛି ଯାହା ମୋଟ ଘର ସଂଖ୍ୟା ଠାରୁ ଅଧିକ । ସେହି ନିଶ୍ଚିନ୍ତକୋଇଲି ବ୍ଲକର ଜାମରା ଗ୍ରାମପଚାଂୟତରେ ୨୨୬ ହିତାଧୀକାରିଙ୍କୁ ପକ୍କାଘର ମିଳିଥିବାବେଳେ ସେଥିରୁ ୧୬୬ ଜଣ ହିତାଧିକାରି ଯୋଗ୍ୟ ନୁହନ୍ତି ବୋଲି ସେହି ପଚାଂୟତର ଲୋକମାନେ ଅଭିଯୋଗ କରିଛନ୍ତି । ଏହି ୩ଟି ପଚାଂୟତରେ ହୋଇଥିବା ଦୁର୍ନୀତିକୁ ଦେଖିଲେ ଲାଗୁଛି ରାଜ୍ୟରେ କିପରି ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚାଲିଛି ।ରାଜ୍ୟ ସରକାର ୫ – ଟି କଥା କହୁଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେଭଳି ଦୁର୍ନୀତି ଚାଲୁଛି ଏହା ରାଜ୍ୟର ଗରିବ ଲୋକମାନଙ୍କର ଅଧିକାରକୁ ଛଡାଇ ନେଉଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନିରେ କହିଛନ୍ତି ବିଜେପିର ଶାରଦା ପ୍ରଧାନ । ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ଯେ, ଗତ ଫନି ବାତ୍ୟାରେ କ୍ଷୟକ୍ଷତିର ସବିଶେଷ ବିବରଣୀ ରାଜ୍ୟସରକାର କେନ୍ଦ୍ରକୁ ପ୍ରଦାନ କଲେ କେନ୍ଦ୍ରସରକାର ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ବାବଦରେ ଆଡଭାନ୍ସ ଅର୍ଥ ମଧ୍ୟ କେନ୍ଦ୍ର ସରକାର ପଠାଇଥିଲେ। ସେହି କ୍ରମରେ ଓଡିଶା ସରକାରଙ୍କ ତରଫରୁ ଫନି ପ୍ରଭାବିତ ୧୪ଟି ଅଂଚଳର ଭାଙ୍ଗିଯାଇଥିବା ଗୃହ ମାନଙ୍କ ପାଇଁ ଏକ ତାଲିକା ର । ଜ ୍ୟ ସ ର କ । ର ୧୯.୦୭.୨୦୧୯ରେ କେନ୍ଦ୍ରସରକାରଙ୍କୁ ପ୍ରଦାନ କରିଥିଲେ ଯେଉଁଥିରେ ୩ ଲକ୍ଷ ୮୯ ହଜାର ଘର ପାଇଁ କେନ୍ଦ୍ରସରକାରଙ୍କୁ ରାଜ୍ୟସରକାର ଚିଠି ଲେଖିଥିଲେ । ପୁଣି ପରବର୍ତୀ ସମୟରେ ଅର୍ଥାତ୍ ପ୍ରାୟ ତିନି ମାସ ପରେ ୧୪.୧୦.୨୦୧୯ରେ ରାଜ୍ୟ ସରକାର ପୁଣି ଆଉ ଗୋଟିଏ ଚିଠି ଲେଖିଲେ କେନ୍ଦ୍ର ସରକାରଙ୍କୁ ଯେଉଁ ଚିଠିରେ ରାଜ୍ୟ ସରକାର ମାଗିଲେ ୧୨ଲକ୍ଷ ୭୫ହଜାର ୪୨ ପକ୍କାଘର । ମାତ୍ର ୩ ମାସରେ କେମିତି ରାଜ୍ୟ ସରକାର ତାଙ୍କର ଦାବିକୁ ୩ ଲକ୍ଷ ୮୯ ହଜାର ଘରରୁ ବଢି ୧୨ଲକ୍ଷ ୭୫ହଜାର କଲେ ? ତାଲିକା କେଉଁଠୁ ଆଣିଲେ ଓ କିପରି ପ୍ରସ୍ତୁତ କଲେ । ମାହାଙ୍ଗା ଅଂଚଳର ସେହି ୩ଟି ପଚାଂୟତରେ ହୋଇଥିବା ଅନିୟମିତତାକୁ ଦେଖିଲେ ଲାଗୁଛି ସେହି ଯେଉଁ ୧୨ ଲକ୍ଷ ୭୫ ହଜାର ପକ୍କାଘର ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କର ଅର୍ଥରେ ଦେବାକୁ ଯାଉଛନ୍ତି ସେଥିରୁ ୮୫%ରୁ ଅଧିକ ହେଉଛି ବେଆଇନ, ଦଳୀୟ ଆଧାରରେ ଅଯୋଗ୍ୟ ହିତାଧୀକାରିଙ୍କୁ ଦିଆଯାଇଛି । ଏବେ ରାଜ୍ୟ ସରକାର ୫ଟି ନାଁରେ ଯେଉଁ କଲ ସେଂଟର ଖୋଲିଛନ୍ତି ତାହାର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ କଲ ସେଂଟରରୁ ଯେଉଁମାନେ ପକ୍କାଘର ପାଇଛନ୍ତି ବା ଯେଉଁମାନଙ୍କୁ କାର୍ଯ୍ୟାଦେଶ ମିଳିଛି ସେମାନଙ୍କୁ ଫୋନ ଯାଉଛି । ଯେଉଁମାନେ ବେଆଇନ ଭାବେ ପକ୍କାଘର ନେଇଛନ୍ତି ସେମାନଙ୍କୁ ଫୋନ ଗଲେ ସଠିକ ହିତାଧିକାରି ଚୟନ କିପରି ହୋଇପାରିବ ତାହା ଏକ ବଡ ପ୍ରଶ୍ନ । ଯଦି ସାଧାରଣ ଗରୀବ ଲୋକ ଯେଉଁମାନେ ପକ୍କାଘର ପାଇନାହାନ୍ତି ସେମାନଙ୍କ ପାଖକୁ ଫୋନ ଯାଆନ୍ତା ତାହେଲେ ଜଣାପଡନ୍ତା କି ଯୋଗ୍ୟ ହିତାଧିକାରି ମାନେ କିପରି ପକ୍କାଘର ପାଇବାରୁ ବଂଚିତ ହେଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ରାଜ୍ୟ ସରକାର ଏବେ ଯେଉଁ ୧୨ ଲକ୍ଷ ୭୫ ହଜାର ଗରିବ ଲୋକମାନଙ୍କୁ ପକ୍କାଘର ଦେବାପାଇଁ ଯାଉଛନ୍ତି ତାହାର ହିତାଧିକାରି ଚୟନ ଆଉଥରେ ହେଉ, ଯେଉଁ ଗରିବ ଲୋକମାନେ ପକ୍କାଘର ପାଇବାରୁ ବଂଚିତ ହୋଇଛନ୍ତି ସେମାନଙ୍କୁ ପକ୍କାଘର ଦିଆଯାଉ । ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ପାଇଁ ସରକାର ଯେଉଁ ଆଦେଶବଳରେ କମିଟି ଗଠନ କରି ପୁନର୍ଯାଚଂର ଯେଉଁ ବ୍ୟବସ୍ଥା କରିଛନ୍ତି ସେହିଭଳି ସାରା ଓଡିଶାରେ ତାକୁ ଲାଗୁ କରନ୍ତୁ ବୋଲି ଶ୍ରୀ ପ୍ରଧାନ ଦାବି କରିଛନ୍ତି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ୍ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସି : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?



ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ





ଅଗଷ୍ଟ ମାସ ୪ ତାରିଖ ବିଶ୍ୱ ସଂସ୍କୃତ ଦିବସ। ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପୃତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଏହା ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ। ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା। ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି। ଏହି ଭାଷା ଏବେ ବିଲୁପ୍ତ ପ୍ରାୟ। ୨୦୧୩ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧୪,୧୩୫ ମଧ୍ୟରେ ସୀମିତ। ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଟ୍ଟୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବାର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ। ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି। ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼। ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଟ୍ଟୁର୍ ଗାଁକୁ। ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ। ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ। ଏମିତି ଜଣେ ଅନ୍ୟକୁ ଶିଖାଇଲା। ପିଲାମାନେ ବି ଶିଖିଲେ। କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ। ମାଟ୍ଟୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି। ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ। ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି। ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି। ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ। ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ। ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ହଜାର ହଜାର ବର୍ଷ ତଳର ଏହି ଅତ୍ୟନ୍ତ ଲୋକପ୍ରିୟ ତଥା ଶୁଦ୍ଧ ଭାଷା କିନ୍ତୁ ସରକାରୀ ସ୍ତରରେ ସେପରି ପ୍ରୋତ୍ସାହନ ପାଉନାହିଁ। ବିଶ୍ୱବିଦ୍ୟାଳୟ ବା ବଡ଼ ବଡ଼ ମହାବିଦ୍ୟାଳୟରେ ସଂସ୍କୃତ ଭାଷାକୁ ପାଠ୍ୟକ୍ରମରେ ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍। ଏ କ୍ଷେତ୍ରରେ ବଡ଼ ଅସୁବିଧା ହେଉଛି ସଂସ୍କୃତକୁ ନେଇ କ୍ୟାରିୟର କରିବା ପାଇଁ ସେପରି ନା ବିଭାଗ ଅଛି ନା କର୍ମବୃତ୍ତି। ଯାହାଦ୍ୱାରା ଏହି ଭାଷାକୁ କ୍ୱଚିତ୍ ଛାତ୍ରଛାତ୍ରୀ ଆଗ୍ରହର ସହ ଗ୍ରହଣ କରୁଛନ୍ତି। ଦ୍ୱିତୀୟତଃ ସଂସ୍କୃତ ଭାଷାରେ ବହି, ପତ୍ରପତ୍ରିକାର ପ୍ରଚଳନ କମ୍। ଦିନଥିଲା ଗାଁ ଗଣ୍ଡା ବା ସହରରେ ଛତୁ ଫୁଟିଲା ପରି ଟୋଲ୍ ସ୍କୁଲ ସବୁ ଖୋଲିଥିଲା। ପରବର୍ତ୍ତୀ ସମୟରେ କିନ୍ତୁ ଏହି ଟୋଲ୍ ଗୁଡ଼ିକ ଏକ ପ୍ରକାର ମୃତପ୍ରାୟ ହୋଇଗଲା। ସରକାରୀ ସ୍ତରରେ ସେପରି ନା ସହାୟତା ରହିଲା ନା ସାଧାରଣରେ ଏହାକୁ ଗ୍ରହଣ କରିବା ପାଇଁ କିଛି ଆଗ୍ରହବୋଧ ! ସଂସ୍କୃତ ଭାଷାକୁ ଅତ୍ୟନ୍ତ ନିଷ୍ଠାର ସହିତ ଶ୍ରଦ୍ଧା ରଖୁଥିବା, କର୍ମକାଣ୍ଡ ବ୍ରାହ୍ମଣ ବା କିଛି ଭିନ୍ନ ରୁଚିର ମେଧାବୀମାନେ ବର୍ତ୍ତମାନ ସଂସ୍କୃତ ଭାଷାକୁ ଗ୍ରହଣ କରୁଛନ୍ତି। ସାଧାରଣରେ ସରକାରୀ ସ୍କୁଲରେ ସଂସ୍କୃତ ପଣ୍ଡିତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଏହାଭିତରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ହିନ୍ଦୀ ଓ ସଂସ୍କୃତ ଭାଷାର ପିଲାମାନେ ଅନେକ ସମସ୍ୟା ସାମ୍ନା କରିବା ସହ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଖରାପ ହୋଇଥିଲା। ତେବେ ଯାହାହେଉନା କାହିଁକି ସଂସ୍କୃତ ଭାଷାକୁ ବିଦେଶରେ କିନ୍ତୁ ଦିନକୁ ଦିନ ଆଗ୍ରହ ରଖୁଛନ୍ତି ବିଦେଶୀମାନେ। ଭାରତରେ ଯେଉଁ ଭାଷା ସୃଷ୍ଟି ହୋଇ ମୃତପ୍ରାୟ ହେବାକୁ ଯାଉଛି ସେ ଭାଷା କିନ୍ତୁ ଦେଶ ବିଦେଶରେ ବେଶ୍ ଆଗ୍ରହ ରଖୁଛି ଜାଣିବା ଓ ଶିଖିବାରେ। ବର୍ତ୍ତମାନ ଛୋଟ ପିଲାଟି ନିଜ ଜେଜ ବା ଗୋସେଇଁ ବାପାଙ୍କ ଅମଳର ସଂସ୍କୃତ ବହିଟି ଦେଖିଲେ ତାକୁ ଏକପ୍ରକାର ବିଚିତ୍ର ଭାଷା ପରି ହୃଦ୍‌ବୋଧ ହେଉଛି। କାରଣ ପିଢ଼ୀ ପରେ ପିଢ଼ୀ ସଂସ୍କୃତ ଭାଷାଟି ସେପରି ଶ୍ରଦ୍ଧା ବା ଭଲ ପାଇବା ପାଉନାହିଁ। ଏହି ଦିବସ ସଂସ୍କୃତ ଭାଷାକୁ ଭଲପାଇବାର, ଜାଣିବାର ଶ୍ରଦ୍ଧା ବଢ଼ାଇବାର ସ୍ମରଣୀୟ ଦିବସଟିଏ ହେଉ। ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏହି ଦେବ ଓ ମହାନ୍ ଭାଷା ପ୍ରତି ମମତାବୋଧକୁ ବଢ଼ାଉ ଏହା ହିଁ କାମନା। ଏହି ପ୍ରସଙ୍ଗରେ ଯୁଗାବତାର ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି-'ସଂସ୍କୃତ ଭାଷା ହିଁ ହେଉଛି ସମସ୍ତ ଭାଷାର ଆଦିଭାଷା। ଏପରିକି ଇଂରାଜୀ ଭାଷା ମଧ୍ୟ ସଂସ୍କୃତ ଭାଷାରୁ ହିଁ ସୃଷ୍ଟି।' ଶ୍ରୀ ଶ୍ରୀ ଠାକୁର ଆଶା ପ୍ରକାଶ କରିଛନ୍ତି, ଯେ ସଂସ୍କୃତ ଭାଷା ହିଁ ଭାରତର ଜାତୀୟ ଭାଷାର ମାନ୍ୟତା ପାଇବା ଉଚିତ। ସଂସ୍କୃତ ହିଁ ହେଉଛି ଦେବଭାଷା ଓ ଆର୍ଯ୍ୟ ଭାରତ ବର୍ଷର ଋଷି ପରମ୍ପରା ଅନୁଯାୟୀ ସଂସ୍କୃତ ଭାଷାର ଉନ୍ନତି ଉପରେ ଆର୍ଯ୍ୟ ଭାରତ ବର୍ଷର ଉନ୍ନତି, ସଂହତି ଓ ବୈଦିକ ଅନୁଚିନ୍ତନ ତଥା ସର୍ବଧର୍ମ ସମନ୍ୱୟର ପ୍ରଚାର ଓ ପ୍ରସାର ନିର୍ଭର କରେ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ସହ-ପ୍ରତିଋତ୍ୱିକ, ଶ୍ରୀଗୁରୁ ଅନୁକୂଳାଶ୍ରମ, ବାଲେଶ୍ୱର, ଦୂରଭାଷ: ୯୪୩୭୦୫୧୯୫୭

# ଅହମଦୀୟା ମୁସଲିମ ସଂଗଠନର ବିଶ୍ୱସ୍ତରୀୟ ବାର୍ଷିକ ମହାସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଅହମଦୀୟା ମୁସଲିମ ସଂଗଠନର ମୁଖ୍ୟ ପ୍ରଭାରୀ ମୌଲାନା ଫଜଲ ହକ ଖାଁ ଗତକାଲି ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି କି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ୫୩ତମ ବିଶ୍ୱସ୍ତରୀୟ ବାର୍ଷିକ ସମ୍ମିଳନୀ ଲଣ୍ଡନର ହଦିକତୁଲ୍ ମେହେଦୀ ଠାରେ ଅଗଷ୍ଟ ୨, ୩ ଏବଂ ୪ ତାରିଖ ଶୁକ୍ର, ଶନି ଏବଂ ରବିବାର ଦିନରେ ଅନୁଷ୍ଠିତ ହେଉଅଛି। ଏହି ମହାସମ୍ମିଳନୀରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଦେଶରୁ ହଜାର ହଜାର ସଂଖ୍ୟାରେ ଅହମଦି ଶ୍ରଦ୍ଧାଳୁମାନେ ଯୋଗଦେବାର ରହିଛି। ଭାରତ ସମୟନୁସାରେ ରାତି ୮:୨୫ ମିନିଟରୁ ସଭାକାର୍ଯ୍ୟ ଆରମ୍ଭ ହେବାର ରହିଛି। ପ୍ରଥମ ଦିବସରେ ଶୁକ୍ରବାର ନମାଜ ଜୁମା ପାଠ ପରେ ଆନୁଷ୍ଠାନିକ ଭାବେ ପତାକା ଉତ୍ତଳନ ଏବଂ ପବିତ୍ର କୋରାନ ବାଣୀ ଉଚ୍ଚାରଣ ସହ ଶୁଭାରମ୍ଭ ହେବା ସହ ଦେଶ ବିଦେଶରୁ ଆସିଥିବା ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଅଭିଭାଷଣ ପରେ ମହାମାନ୍ୟ-ପୁନ୍ୟଶ୍ଲୋକ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସଭାପତିତ୍ୱ ଭାଷଣ ରଖିବେ। ଦ୍ୱିତୀୟ ଦିବସ ତଥା ଅନ୍ତିମ ଦିବସରେ ହଜରତ ମିର୍ଜା ମସରୁର ଅହମଦଙ୍କର ସଭାପତିତ୍ୱ ଭାଷଣ ରହିବ। ଏତଦ୍‌ବ୍ୟତୀତ ତିନି ଦିନରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଡ଼. ଏଜାଜୁର ରହମାନ, ଫଜଲୁର ରହମାନ ନାସିର, ଇବ୍ରାହିମ ନୌନନ, ଅୟାଜ ମହମୁଦ ଖାଁ, ଡ଼. ହମାଦ ଖାଁ, ମୌଲାନା ଅତାଉଲ ମୁଜିବ ରାସିଦ, ରଫିକ ଅହମଦ ହୟାତ ଏବଂ ଅହମଦି ମହିଳା ଡ଼.ଏନ ମେରି ଆୟୋନେସକୋ, ଲୁବନା ସୁହେଲ ଏବଂ ଫରଜାନା ୟୁସୁଫ ନିଜର ମତାମତ ରଖିବେ। ତୃତୀୟ ଦିବସ ସଂଧ୍ୟା ୫:୦୦ ଘଟିକା ସମୟରେ ଦୀକ୍ଷା ମହାସମାରୋହ ଅନୁଷ୍ଠିତ ହେବାର ରହିଛି। ଏହି ମହାସମ୍ମିଳନୀରେ ଭାରତରୁ ପ୍ରାୟ ୫୦ ଜଣିଆ ଅହମଦି ଶ୍ରଦ୍ଧାଳୁଙ୍କ ଟିମ ଲଣ୍ଡନ ପହଂଚିଯାଇଛି। ଏହି କାର୍ଯ୍ୟକ୍ରମକୁ ଏମ ଟି ଏ ମୁସଲିମ ଟେଲିଭିଜନ ଅହମଦୀୟା ଟିଭି ଚ୍ୟାନେଲ, ମୋବାଇଲ ଏମ ଟି ଏ ଲାଇଭ ଆପ, ୱାଟ୍ସଅପ ଏବଂ ୟୁଟ୍ୟୁବ ମାଧ୍ୟମରେ ମଧ୍ୟ ଦେଖା ଓ ଶୁଣାଯାଇପାରିବ।



## ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ପିଏନ୍)- କଥାରେ ଅଛି, ଆମ ପରିବେଶ ଆମ ଜୀବନ, ସୁସ୍ଥ ରହିଥାଏ ତା' ପାଇଁ ମନ। ସତରେ ମଣିଷ ସହ ପରିବେଶର ସମ୍ପର୍କ ଅତି ନିଆରା। କାରଣ ସେଇ ପରିବେଶ ମାନବକୁ ସୁନ୍ଦରତାର ଦୃଶ୍ୟ ଦେଖାଏ ତ' ଆଉ କେତେବେଳେ ପ୍ରକୃତିର ଭୀମ ରୂପ ବି ଦେଖାଏ। ପରିବେଶର ସୁଚିନ୍ତିତ ବାହକ ଏଇ ମଣିଷ। ଅତୀତରୁ ଆଜି ଯାଏଁ ପରିବେଶ ସହିତ ଗଛର ଭୂମିକା ଅତି ନିବିଡ଼। ବୃକ୍ଷରୋପଣ ଏକ ମହାନ କାମ ବୋଲି ପୁରାଣରେ ବି ଲେଖାହୋଇଛି। ଆଜିର ବ୍ୟସ୍ତବହୁଳ ସମାଜରେ କେହି ବି ପରିବେଶ ପାଇଁ ଚିନ୍ତା କରୁନାହାନ୍ତି। ପରିବେଶ ସୁରକ୍ଷା, ଜୀବନରକ୍ଷା ଉକ୍ତି ଆଜି ଭିତ୍ତିହୀନ ଲାଗେ। କିନ୍ତୁ ଗୋଟିଏ ଗଛ ଗୋଟିଏ ଜୀବନ ସହ ସମାନ। ଏଇ ପରିପ୍ରେକ୍ଷୀରେ ସେଂଚୁରିଆନ କୃଷି ବଶ୍ୱିବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକମାନଙ୍କ ମିଳିତ ପ୍ରୟାସରେ ଆଖପାଖ ଗାଁର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଛି। ୮୦୦ଟି ଚାରା ରୋପଣର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଜାତୀୟ ସେବା ଯୋଜନା ବିଭାଗର ଛାତ୍ରଛାତ୍ରୀମାନେ। ସଫଳତାର ସହ ଏହାକୁ ତୁଲାଇବାରେ ଜାତୀୟ ସେବା ଯୋଜନାର ମୁଖ୍ୟ ଏନ୍ ମୋହନ ସତ୍ୟାକର, ପ୍ରାଧ୍ୟାପକ ସୌରଭ ବର୍ମନ, ରାଜେଶ ବେହେରା, ସନ୍ଦୀପ ରାଉତ ପ୍ରମୁଖ ସହଯୋଗ କରିଥିଲେ। କଲେଜର ଅଧ୍ୟକ୍ଷ ସତ୍ୟପ୍ରସାଦ ନନ୍ଦ, ଦେବେନ୍ଦ୍ର ରେଡ୍ଡି ମଧ୍ୟ ଉପସ୍ଥିତ ରହି ପୂର୍ଣ୍ଣ ସହାୟତା କରିଥିଲେ।

## ଆଇଟିଆଇ ଅଂଚଳରେ ଅନ୍ଧକାରର ରାଜୁତି

ବାଲେଶ୍ୱର (ପିଏନ୍): ଗତ କିଛି ଦିନ ହେବ ବାଲେଶ୍ୱର ସହରର ମୁଖ୍ୟରାସ୍ତା ଓଟି ରୋଡ ଆଇଟିଆଇ ଅଂଚଳରେ ଅନ୍ଧକାର ରାଜୁତି କରୁଛି। ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ସନ୍ଧ୍ୟାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଆଇଟିଆଇ ଛକରୁ ପୁଲିସ ପଡିଆ ପର୍ଯ୍ୟନ୍ତ ଓ ପୁଲିସ ପଡିଆଠାରୁ ଫକୀରମୋହନ ଗୋଲେଇ ଓ ସହରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାର ଜଣାପଡିଛି। ଏ ବାବଦରେ ବାରମ୍ବାର ଖବର ପ୍ରକାଶ ପାଇଲେ ମଧ୍ୟ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହେଉନାହିଁ। ଅନ୍ଧକାରର ସୁଯୋଗ ନେଇ ଲୁଟେରାମାନଙ୍କର ଉତପାତ ବୃଦ୍ଧି ପାଇବା ସାଙ୍ଗକୁ ରାସ୍ତା ଦୁର୍ଘଟଣାମାନ ବୃଦ୍ଧି ହେଉଥିବାର ଜଣାଯାଏ।

## ବାଲିଆପାଳ ନାବାଳକ ମୃତ୍ୟୁ ଘଟଣା, ପୁଲିସକୁ ମାଡମରା ଘଟଣାରେ ୧୩ ଅଟକ

ବାଲେଶ୍ୱର (ପିଏନ୍): ବାଲିଆପାଳର ଏକ ଢାବାରେ ଜଣେ ନାବାଳକର ମୃତ୍ୟୁକୁ ନେଇ ତୁମୁଳ କାଣ୍ଡ ଦେଖିବାକୁ ମିଳିଥିଲା। ନାବାଳକର ମୃତ୍ୟୁ ଏକ ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ଅଭିଯୋଗ କରି ସ୍ଥାନୀୟ ଲୋକେ ତଦନ୍ତ ପାଇଁ ଆସିଥିବା ଥାନାଧିକାରୀଙ୍କୁ ଗୋଡେଇ ଗୋଡେଇ ମାଡ ମାରିଥିଲେ। ଉକ୍ତ ମାମଲାରେ ପୁଲିସକୁ ମାଡ ମାରିଥିବା ୧୩ ଜଣଙ୍କୁ ବୁଧବାର ରାତିରେ ଅଟକ ରଖି ପଚରା ଉଚୁରା କରୁଛି ପୁଲିସ। ସୂଚନା ଅନୁଯାୟୀ ବାଲିଆପାଳରେ ଥିବା ରାଜଧାନୀ ହୋଟେଲ ଏବଂ ଢାବାରେ କାମ କରୁଥିବା ଜଣେ ନାବାଳକର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଫଳରେ ଲୋକେ ଏହାକୁ ହତ୍ୟା ବୋଲି ଅଭିଯୋଗ କରି ଢାବାରେ ନିଆଁ ଲଗାଇଦେଇଥିଲେ। ଏହାସହିତ ଘଟଣାର ତଦନ୍ତ ପାଇଁ ଆସିଥିବା ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କୁ ଲୋକେ ଗୋଡେଇ ଗୋଡେଇ ମାଡ ମାରିଥିଲେ।

## ଖେଳ ଶିକ୍ଷକ ନିଲମ୍ବିତ

ବାଲେଶ୍ୱର (ପିଏନ୍): ଖଇରା ବ୍ଲକ ରଟିଣା ହାଇସ୍କୁଲର ଦୁଇଜଣ ଛାତ୍ର କେନାଲରେ ବୁଡି ମୃତ୍ୟୁବରଣ କରିବା ଘଟଣାରେ ଖେଳ ଶିକ୍ଷକ ଉମାକାନ୍ତ ସାହୁଙ୍କୁ ନିଲମ୍ବନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୧୦୫୦୭-୨୯/୦୭ ମୂଳେ ଏହି ନିଲମ୍ବନ ଆଦେଶ ଦିଆଯାଇଛି। ଶ୍ରୀ ସାହୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥାଇ କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କୁ ନିଲମ୍ବନ କରାଯାଇଛି।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା



ଭୁବନେଶ୍ୱର (ପିଏନ୍): ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କଠାରେ ଦେଖା ଦେଉଥିବା କ୍ୟାନସରଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡ଼ିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରସା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

(ସୌଜନ୍ୟ: **ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**, ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪)

# ଶିରିଡ଼ି ପରି ଗାଁ ନୂଆଗାଁ...



ଅନେକ ଭକ୍ତ ଶିରିଡ଼ି ନଯାଇପାରି ଭଗବାନଙ୍କ ପ୍ରତି ଦୁଇଟୋପା ଲୁହ ବଦଳରେ ନିଜ ଦୁଃଖ ଜଣାଇଥାନ୍ତି। ଶିରିଡ଼ିରେ ମହାପ୍ରଭୁ ସାଇନାଥଙ୍କ ଦର୍ଶନ ତାଙ୍କ ଲୀଳା କୃପାପ୍ରାପ୍ତ ହେବା ଭାଗ୍ୟ ସମସ୍ତଙ୍କ ପାଖରେ ଜୁଟିନଥାଏ। ସମ୍ଭବତଃ ସେଇଥିପାଇଁ ଲୀଳାମୟ ଇଛାଧାରୀ ଶ୍ରୀ ସାଇ ତାଙ୍କ କୃପା ବର୍ଷା କରିବା ପାଇଁ ହଜାର ବର୍ଷର ସହର କଟକ ସନ୍ନିକଟ ନୂଆ ଗାଁରେ ତାଙ୍କ ଲୀଳାଖେଳାର ସ୍ଥଳୀ ଭାବେ ବିବେଚିତ କରି ତାଙ୍କ ଇଛାରେ ଗଢ଼ି ଉଠୁଛି ଏକ ସାଇ ମନ୍ଦିର। ମହାପ୍ରଭୁ ଶ୍ରୀ ଶିରିଡ଼ିସାଇନାଥ ସଗୁଣ ରୂପ ଧାରଣ କରି ଧରାପୃଷ୍ଠରେ ଅବତୀର୍ଣ୍ଣ। ସମଗ୍ର ବିଶ୍ୱରେ, ଭାରତରେ ସେହିପରି ଓଡ଼ିଶାରେ ଅନେକ ଶିରିଡ଼ି ସାଇମନ୍ଦିର ଗଢ଼ି ଉଠିଛି। ତେବେ ଅନେକ ହୁଏତ ଜାଣିନଥିବେ ଅବିକଳ ଶିରିଡ଼ି ପ୍ରତିରୂପ ସାଇମନ୍ଦିର ନିର୍ମାଣ ଚାଲିଛି। ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସ୍ୱଭାଣ୍ଟସ ସୋସାଇଟି ଆନୁକୂଲ୍ୟରେ କଟକ ସହର ନରାଜ ନିକଟବର୍ତ୍ତୀ ନୂଆଗାଁ ଠାରେ ବାବାଙ୍କର ଯେଉଁ ଅନୁପମ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁରହିଛି, ତାହା ଆଗାମୀ ଦିନରେ ବାବାଙ୍କ ପ୍ରିୟ ଭକ୍ତମାନଙ୍କ ପାଇଁ ସେ ଏକ ପ୍ରମୁଖ ଆକର୍ଷଣର କେନ୍ଦ୍ର ପାଲଟିବ ଏହାର ସମସ୍ତ ସଂକେତ ମିଳିସାରିଲାଣି। କାରଣ ଶିରିଡ଼ିରେ ଯେମିତି ଲୀଳାସବୁ ଘଟିଥିଲା, ଏଠାରେ ତାହାର ପୁନରାବୃତ୍ତି ଦେଖିବାକୁ ମିଳୁଛି। ବାବା ପ୍ରଥମେ ନିମ୍ବବୃକ୍ଷ ପରିବେଷ୍ଟିତ ଗୁରୁସ୍ଥାନରେ ନିବାସ କଲେ। ଏହା ମଧ୍ୟ ଦ୍ୱାରକାମାୟୀର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ମୁଖ୍ୟ ମନ୍ଦିର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶିରିଡ଼ିରେ ଯେଉଁ ଦ୍ୱାରକାମାୟୀରେ ବାବା ତାଙ୍କର ଜୀବଦ୍ଦଶାରେ ବାସ କରୁଥିଲେ, ତାହାର ଏକ ପ୍ରତ୍ୟକ୍ଷ ଧାରଣା ସ୍ଥାନୀୟ ଜନସାଧାରଣଙ୍କୁ ଦେବା ଉଦ୍ଦେଶ୍ୟରେ ଏହାର ଏକ ପ୍ରତିରୂପ ନିର୍ମାଣ କରାଯାଉଛି। କଳା ଗ୍ରାନାଇଟ ପଥର ଆଣି ତାକୁ କାଟି ଦ୍ୱାରକାମାୟୀ କାନ୍ଥ ନିର୍ମାଣ କରାଯାଇଛି, ଯେମିତି ଶିରିଡ଼ିରେ ହୋଇଥିଲା। ଆକାର ଓ ଆୟତନରେ ମଧ୍ୟ ଶିରିଡ଼ି ସହ ସାମଞ୍ଜସ୍ୟ ରକ୍ଷା କରିବା ନିମନ୍ତେ ଚେଷ୍ଟା କରାଯାଇଛି। ଦ୍ୱାରକାମାୟୀ ଭିତରକୁ ପ୍ରବେଶ କରିବା ମାତ୍ରେ ଗୁରୁଜୀ ଆନନ୍ଦରେ ବିହ୍ୱଳିତ ହୋଇଯାଇଥିଲେ। ଏହାପରେ ଉପର ସଭାମଣ୍ଡପ ନିକଟକୁ ଯାଇ ବାବାଙ୍କୁ ପ୍ରଣାମ କରି ପୂଜାର୍ଚ୍ଚନା କଲେ। ଗତବର୍ଷ ରାମନବମୀକୁ ଦ୍ୱାରକାମାୟୀ ନିର୍ମାଣ ଆରମ୍ଭ ହୋଇଥିଲା। ଆରମ୍ଭ ହେବା ସମୟରେ ମଧ୍ୟ ଗୁରୁଜୀ ପଦାର୍ପଣ କରିଥିଲେ। ଟିକିନିଖି ସବୁ ସ୍ଥାନ ଗୁଡ଼ିକ ଗୁରୁଜୀ ବୁଲି ଦେଖିଥିଲେ ଏବଂ ଆମ ଯେଉଁ କାମ ଗୁଡ଼ିକ ବାକି ରହିଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ବାବାଙ୍କର ବସିବା ସ୍ଥାନ, ଚକି ପେଷିବା, ପାଣି ମାଠିଆ ଥିବା ସ୍ଥାନ, ଯେଉଁ ସ୍ଥାନରେ ବାବା ଉଦି ବିତରଣ କରୁଥିଲେ, ଯେଉଁଠାରେ ନିଜ ହାତରେ ରାନ୍ଧି ଭକ୍ତମାନଙ୍କୁ ଖାଦ୍ୟ ପରଷି ଦେଉଥିଲେ, ଯେଉଁଠାରେ ରହିଛି ସେ ବସୁଥିବା ପଥର, ତାଙ୍କର ପ୍ରିୟ ଅଶ୍ୱ ଶ୍ୟାମକର୍ଣ୍ଣ ଏବଂ ତାଙ୍କ ସମ୍ମୁଖରେ ସଦ୍‌ଗତି ଲାଭ କରିଥିବା ବ୍ୟାଘ୍ରର ସ୍ଥାନ, କଚ୍ଛପ, ତୁଳସୀ ବୃନ୍ଦାବନ ଆଦି ସବୁ ସ୍ଥାନ ଗୁଡ଼ିକ ଗୁରୁଜୀ ଦେଖିଥିଲେ। ନୂତନ ମନ୍ଦିରର ନିଅଁ ଖୋଳା ସମୟରେ ଆଉ ଗୋଟିଏ ଘଟଣା ଦେଖିବାକୁ ମିଳିଲା ଯାହା ଉଲ୍ଲେଖନୀୟ। ଗୋଟିଏ ପିଲର ଏପରି ସ୍ଥାନରେ ପଡ଼ିଲା, ଯେଉଁଠାରେ ଇଟାପୂଜା ହୋଇ ଭିତ୍ତିସ୍ଥାପନା କରାଯାଇଥିଲା। କଲମ ଖୋଳିଲା ବେଳେ ସେଥିରୁ ଗୋଟିଏ ଇଟା ଭାଙ୍ଗିଗଲା। ଅନ୍ୟ କୌଣସି ଇଟାର, ସମୁଦାୟ ୯ଟି ଇଟା ଥିଲା କିଛି ହୋଇନଥିଲା। ସେହି ଇଟାଟିକୁ କାଢ଼ି ରଖାଯାଇଛି। ଶିରିଡ଼ିରେ ମୁଖ୍ୟ ମନ୍ଦିର କାମ ଆରମ୍ଭ ହେବା ପୂର୍ବରୁ ଯେମିତି ଇଟା ଭାଙ୍ଗିଥିଲା, ଏହା ଠିକ୍ ସେହିପରି ଭାବରେ କି ବୋଲି କେହି କେହି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଗତ ଦୁଇହଜାର ମାର୍ଚ୍ଚ ଷୋହଳ ତାରିଖରେ ହୋଇଥିଲା ଭୂମିପୂଜା। ଭୂମିପୂଜା ପରେ ଗୁରୁଜୀ ଯେଉଁ ସ୍ଥାନରେ ଦୀପଟିକୁ ରଖିଥିଲେ ସେଠାରେ ଏକ କୃଷ୍ଣ ତୁଳସୀ ଗଛ ଉଠିଲା। ନିର୍ମାଣ କାର୍ଯ୍ୟ ଯୋଗୁଁ ତାହାର କୌଣସି ଯତ୍ନ ନିଆଯାଇନପାରିବା ସତ୍ତ୍ୱେ ଗଛଟିର କୌଣସି କ୍ଷତି ହୋଇନଥିଲା। ବରଂ ଦିନକୁ ଦିନ ଗଛଟି ବଢ଼ି ଏକ ଛଙ୍କାଳିଆ ବଡ଼ ଗଛରେ ପରିଣତ ହୋଇଗଲା। କ୍ରମେ ଏହାର ଚାରିପାଖରେ ଅସଂଖ୍ୟ ତୁଳସୀ ଗଛ ଉଠିଲା। ସେହିସବୁ ଚାରାକୁ ନେଇ ଅନ୍ୟତ୍ର ଲଗାଯିବା ପରେ ଏବେ ସେଥିରୁ ମଧ୍ୟ ଅସଂଖ୍ୟ ଗଛ ବାହାରିବାରେ ଲାଗିଛି। ଏବେ ସେଠାରେ ଏକ ତୁଳସୀ ବଗିଚା କରାଯିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ସାଢ଼େ ଆଠଗୁଣ୍ଠ ଜମିରେ ନିର୍ମାଣଧୀନ ଏହି ମନ୍ଦିର ବ୍ୟସ୍ତବହୁଳ କଟକ-ଭୁବନେଶ୍ୱର ରାସ୍ତାର କେନ୍ଦ୍ରସ୍ଥଳରେ ରହିଛି। ସନ୍ନିକଟରେ ଶ୍ରୀ ରବିଶଙ୍କର ୟୁନିଭରସିଟି, ଜାତୀୟ ଆଇନ ୟୁନିଭର୍ସିଟି ଓ ସିଆଇଏସ୍‌ଏଫ୍ ବାଟାଲିଆନ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଏହାର ମୁଖ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଅଢ଼େଇଗୁଣ୍ଠ ଜମି ଉପରେ ଭକ୍ତନିବାସ ମଧ୍ୟ ନିର୍ମାଣ ଚାଲିଛି। ଇତିମଧ୍ୟରେ ଦ୍ୱାରିକାମାୟୀର ନିର୍ମାଣ ଶେଷ ପର୍ଯ୍ୟାୟରେ। ପ୍ରାଚୀ ନଦୀର ଐତିହାସିକ ଅବବାହିକାର ଏହି ସୁନ୍ଦର ମନୋରମସ୍ଥଳ ଯାହାକି ଆଦ୍ୱୈମଙ୍ଗଳା ପ୍ରାନ୍ତରେ ମଙ୍ଗଳା ପରି ଏହାର ଅବବାହିକା ଦିନଥିଲା ମୁନିଋଷି ମାନଙ୍କର ସାଧନାର କ୍ଷେତ୍ର। ସ୍ୱୟଂ ସଦ୍‌ଗୁରୁ ଶିରିଡ଼ି ସାଇନାଥ ଏହି ନବନିର୍ମାଣଧୀନ ସାଇ ମନ୍ଦିରର ସ୍ଥାନ ନିରୂପଣ କରିଛନ୍ତି। ପ୍ରତି ଗୁରୁବାରରେ ଏହି ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା ସହ ନିୟମିତ ସ୍ୱାସ୍ଥ୍ୟସେବା ଶିବିର, ରକ୍ତଦାନ ଶିବିର, ଅନାଥ ଆଶ୍ରମକୁ ସହାୟତା, କର୍କଟ ରୋଗୀ ମାନଙ୍କୁ ସହାୟତା ଓ ଟ୍ରଷ୍ଟର ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ଶ୍ରୀ ଶିରିଡ଼ି ସାଇ ସତ୍‌ଚରିତ ପାରାୟଣ ସପ୍ତାହ ନିୟମିତ ଆୟୋଜିତ ହେଉଛି। ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସରଭ୍ୟାଣ୍ଟ ସୋସାଇଟି ପକ୍ଷରୁ ଗତ ଦଶବର୍ଷ ଧରି ଚାଲିଥିବା ଆଧାତ୍ମିକ ଓ ଦାତବ୍ୟ କାର୍ଯ୍ୟ ନିମନ୍ତେ ଭକ୍ତଜନଙ୍କ ସହଯୋଗ କାମନା କରାଯାଉଛି। ଅନେକ ହୁଏତ ଜାଣିନଥିବେ ଶିରିଡ଼ି ସାଇ ସଂସ୍ଥାନ ଦ୍ୱାରା ଏକମାତ୍ର ଅନୁମୋଦିତ ଶିରିଡ଼ି ସାଇ ପାରାୟଣର ଅନୁବାଦକ ସାଇ ଆଶ୍ରିତ ସତ୍ୟ ଖଡ୍ଗରାୟଙ୍କ ତତ୍ତ୍ୱାବଧାନ ଓ ଅଗଣିତ ସାଇଭକ୍ତଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ଓ ମନ୍ଦିର ନିର୍ମାଣ ଚାଲିଛି। ସିଡ଼ିଏରୁ ଏହି ନୂଆଗାଁ ଶିରିଡ଼ି ସାଇ ମନ୍ଦିରର ଦୂରତ୍ୱ ନଅ କିଲୋମିଟର, ତ୍ରିଶୂଳିଆ ଛକରୁ ଛଅ କିଲୋମିଟର, ଭୁବନେଶ୍ୱରର ଜୟଦେବ ବିହାରରୁ ତେଇଶ କିଲୋମିଟର ଦୂରତ୍ୱ। ଅବିକଳ ଶିରିଡ଼ି ପ୍ରତିରୂପ ଗାଁ ଭିତରେ ମନ୍ଦିର, ନିମ ବୃକ୍ଷ ତଳେ ଦ୍ୱାରକାମାୟୀ ଆସ୍ଥାନ, ବାବାଙ୍କ ପବିତ୍ର ସ୍ମୃତି ବିଜଡ଼ିତ କୂପ, ସମସ୍ତ ଶିରିଡ଼ିର ଚିତ୍ର ଏହି ମନ୍ଦିରର ପରିସରରେ ଗଢ଼ି ଉଠୁଛି। ଏହା ନିଶ୍ଚିତ ଭାବରେ ଭଗବାନ ଶ୍ରୀ ଶିରିଡ଼ି ସାଇନାଥଙ୍କ ଦିବ୍ୟ କୃପାରୁ ସମ୍ଭବ। ଆସନ୍ତୁ ଆଜିଠାରୁ ସମ୍ମିଳିତ ପ୍ରୟାସ ଜାରି ରଖିବା ଯେ ମିଛମାୟାର ସଂସାରରୁ ମୁକୁଳି ଜୀବନଚକ୍ରର ସନ୍ଧୀକ୍ଷଣ ଭିତରେ ମିଠା ଅନୁଭବର ଅନ୍ୱେଷଣ କରିବା। ମନକୁ ସଂଯମ କରିବା, ଜୀବନର ପ୍ରକୃତ ଅନ୍ତରାର୍ଥକୁ ବୁଝି ମନ ଭିତରୁ ଈର୍ଷା, କ୍ରୋଧ, ହିଂସା, କପଟତା ଆଉ ବିଦ୍ୱେଷ ସବୁକୁ ଦୂର କରିବା। ଅଳ୍ପ ଦିନର ଅତିଥି ହୋଇ ଆସିଥିବା ଏହି ମଞ୍ଚ ଦୁନିଆରେ କାହିଁକି ବା ଛାଡ଼ିଯିବା ଅପଯଶ ! ଯାହାଙ୍କ ଇଛା ଓ ସୃଜନରେ ଏ ଆକର୍ଷଣୀୟ ସୁନ୍ଦର ବିଶ୍ୱ, ସେହି ଶ୍ରୀ ସାଇଙ୍କ ସେବାରେ ଆମର ପ୍ରତିଟି ଶ୍ୱାସପ୍ରଶ୍ୱାସ ସମର୍ପିତ ହେଉ। ଆସନ୍ତୁ ଲୀଳାମୟ ଶ୍ରୀ ସାଇଙ୍କ କୃପାପ୍ରାପ୍ତ ହେବା।

**ଅନୁପମା ଭୂୟାଁ**, 'ସାଇବିଥି', ୭ଡ଼ି/୧୩୫୪, ସେକ୍ଟର-୯, ସିଡ଼ିଏ, କଟକ, ଦୂରଭାଷ : ୯୪୩୮୫୮୧୭୦୭




# ଛାତ ଉପରେ ସୌରଶକ୍ତି ସହଜ



**ପ୍ୟା**ରିସ ଜଳବାୟୁ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ଗତବର୍ଷ ଡିସେମ୍ବରରେ ଗଠିତ ଆନ୍ତର୍ଜାତିକ ସୌର ମେଣ୍ଟର ପ୍ରତିଷ୍ଠା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ଏହାର ପ୍ରତିଷ୍ଠାତା ସଭ୍ୟ। ମେଣ୍ଟର ଲକ୍ଷ୍ୟ ହେଲା ସୌରଶକ୍ତି ଉତ୍ପାଦନର କାରିଗରୀ କୌଶଳ ଖର୍ଚ୍ଚ କମାଇବା, ସୌର ବିଦ୍ୟୁତ୍ ଉତ୍ପାଦନ ପାଇଁ ଅର୍ଥ ଲଗାଣର ମୂଲ୍ୟ ହ୍ରାସ ଏବଂ ଏ କ୍ଷେତ୍ରରେ ନୂଆ ଗବେଷଣା ସକାଶେ ସମ୍ବଳ ଯୋଗାଡ଼ କରିବା। ବାୟୁମଣ୍ଡଳର ଉତ୍ତପ୍ତୀକରଣ ଯୋଗୁ ନିରାପଦ ବିଶୁଦ୍ଧ ଅକ୍ଷୟ ଶକ୍ତି ଭାବେ ସୂର୍ଯ୍ୟ କିରଣରୁ ବିଦ୍ୟୁତ୍ ଉତ୍ପାଦନ ଅଧିକ ନିର୍ଭରଯୋଗ୍ୟ ବ୍ୟବସ୍ଥା ବୋଲି ବିଶ୍ୱରେ ସ୍ୱୀକାର କରାଯାଉଛି। ଭାରତ ପରି ଦେଶ କ୍ଷେତ୍ରରେ ଏହାର ଗୁରୁତ୍ୱ ବେଶୀ। ଭାରତ ନିଜ ପକ୍ଷରୁ ଆନ୍ତର୍ଜାତିକ ସୌର ମେଣ୍ଟର କାମକୁ ଆଗେଇ ନେବାକୁ ଉଦ୍ୟମ କଲାବେଳେ ନିଜେ ଏ ଦିଗରେ ରଖିଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ଗୁରୁତ୍ୱ ଦେବା ଉଚିତ। ୨୦୨୨ ସୁଦ୍ଧା ଦେଶରେ ଏକ ଲକ୍ଷ ମେଗାୱାଟ ସୌର ବିଦ୍ୟୁତ୍ ଉତ୍ପାଦନ ଲାଗି ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୪୦ ହଜାର ମେଗାୱାଟ ଛାତ ଉପରେ ଓ ଅବଶିଷ୍ଟ ୬୦ ହଜାର ମେଗାୱାଟ ବଡ଼ ସୌର ପ୍ରକଳ୍ପ ଜରିଆରେ ଉତ୍ପାଦନ କରାଯିବ। କିନ୍ତୁ ଦେଶରେ ବଡ଼ ସୌର ବିଦ୍ୟୁତ ପ୍ରକଳ୍ପ ପାଇଁ ଜମି ମିଳିବା କଷ୍ଟକର। କାରଣ ଶିଳ୍ପ ଲାଗି ଜମି ଅଧିଗ୍ରହଣ ସମ୍ଭବ ହେଉନାହିଁ। ଯଦିଓ ରାଜସ୍ଥାନ ମରୁଭୂମିରେ ଏପରି ବଡ଼ ପ୍ରକଳ୍ପ ପ୍ରତିଷ୍ଠା ସହଜ ତଥାପି ସମଗ୍ର ଦେଶରେ ସୌର ବିଦ୍ୟୁତ୍ ଉତ୍ପାଦନକୁ ବଢ଼ାଇବାକୁ ସରକାର ଚାହାଁନ୍ତି। ଉତ୍ତର ଭାରତର କେତେକ ରାଜ୍ୟରେ କେନାଲ ଉପରେ ବଡ଼ ପ୍ରକଳ୍ପ କରିବା ପାଇଁ ଉଦ୍ୟମ ହେଉଛି। କିନ୍ତୁ ଛାତ ଉପରେ ସୋଲାର ପ୍ଲେଟ ବସାଯାଇ ସୌରଶକ୍ତି ଉତ୍ପାଦନ କରିବା ଅଧିକ ସହଜ ହେବ। ଅନେକ ଦେଶରେ ଏଥିଲାଗି ସହରାଞ୍ଚଳକୁ ଗୁରୁତ୍ୱ ଦେଇ ପ୍ରତି ସହରର ଘରଗୁଡ଼ିକର ଛାତ ଉପରେ କେତେ ସୌର ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ ତାର ଆଗୁଆ ସର୍ଭେ କରାଯାଉଛି। ନିକଟରେ କର୍ଣ୍ଣାଟକର ବେଙ୍ଗାଲୁରରେ ଆକାଶ ମାର୍ଗରୁ ଛାତ ଉପର ସୌରଶକ୍ତି ସାମର୍ଥ୍ୟ ବାହାର କରିବାକୁ ପଦକ୍ଷେପ ନିଆଯାଇଛି। ଏ ପନ୍ଥାରେ ସହରର ବିଦ୍ୟୁତ୍ ଆବଶ୍ୟକତା ଓ ଛାତ ଉପରୁ ସୌରଶକ୍ତି ଉତ୍ପାଦନ ସାମର୍ଥ୍ୟକୁ ନିର୍ଣ୍ଣୟ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଅନୁରୂପ ପଦକ୍ଷେପ ଦେଶର ବଡ଼ ବଡ଼ ସହରଗୁଡ଼ିକରେ ଏପରିକି ମଧ୍ୟମ ଅବା ଛୋଟ ସହରଗୁଡ଼ିକରେ ବି କରାଯାଇପାରିବ। ସହରବାସିନ୍ଦାଙ୍କୁ ଛାତ ଉପରେ ସୌର ବିଦ୍ୟୁତ୍ ଉତ୍ପାଦନ କରିବା ଲାଗି ଉତ୍ସାହିତ କରିବା ସକାଶେ ସେମାନଙ୍କୁ ଅଧିକ ମହଲା ଘର ନିର୍ମାଣ କ୍ଷେତ୍ରରେ ରିହାତି ଦିଆଯାଇପାରିବ। ଦେଖାଯାଉଛି ଯେ ଦେଶରେ ଛାତ ଉପରେ ସୌରଶକ୍ତି ପାଇଁ ଆଗ୍ରହ ବଢୁଛି। ୨୦୧୭ର ଶେଷ ତ୍ରୈମାସିକର ହିସାବ ସମେତ ପୂର୍ବର ତଥ୍ୟରୁ ସଫଳତା ଦ୍ୱିଗୁଣିତ ହୋଇଥିବା ଦେଖାଯାଇଛି। ଅନ୍ୟପକ୍ଷରେ ବଡ଼ ପ୍ରକଳ୍ପ କ୍ଷେତ୍ରରେ ବିଳମ୍ବ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଏ ବର୍ଷ ଆରମ୍ଭ ସୁଦ୍ଧା ଦେଶରେ ସୌର ବିଦ୍ୟୁତ୍ କ୍ଷେତ୍ରରେ ସ୍ଥାପିତ କ୍ଷମତା ୧୯ ହଜାର ୫୧୬ ମେଗାୱାଟରୁ ମାତ୍ର ୧୧ ପ୍ରତିଶତ ଛାତ ଉପର ବା ରୁଫ୍‌ଟପ୍ ସୌର ଶକ୍ତି। ଏଥିରୁ କୁହାଯାଇପାରେ ଯେ, ରୁଫଟପ ସୌର ବିଦ୍ୟୁତକୁ ଯେତିକି ଉତ୍ସାହିତ କରାଯିବା କଥା ତାହା କରାଯାଉନାହିଁ। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଏ ଦିଗକୁ ବେଶି ଗୁରୁତ୍ୱ ଦେଇ ପ୍ରୋତ୍ସାହନକାରୀ ନୀତି ଗ୍ରହଣ କରନ୍ତୁ। ସରକାରୀ କୋଠାବାଡ଼ିଗୁଡ଼ିକ ବ୍ୟତୀତ ଘରୋଇ ଲୋକେ କିପରି ନିଜ ଛାତ ଉପରେ ସୌରଶକ୍ତି ଉତ୍ପାଦନ କରିବେ ସେଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଉ।

**ଡଃ. ଅରୁନ୍ଧତୀ ଦେବୀ**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ : ୯୯୩୭୧୭୨୮୧୦**

# ମେଡ଼ିଭିଜନ ତରଫରୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ସେମିନାର





କଟକ (ପିଏନ୍): ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ପରିସରରେ ମେଡ଼ିଭିଜନ ତରଫରୁ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ରାଜୀବ ଗାନ୍ଧୀ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକର ପୂର୍ବ କୁଳପତି ଡାକ୍ତର ଏମ୍.କେ. ରମେଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏମ୍ସର ସର୍ଜରୀ ବିଭାଗ ମୁଖ୍ୟ ଡାକ୍ତର ମାନସ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପଟିଆ କଲେଜର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ ରାଉତ ଯୋଗ ଦେଇଥିଲେ। ମେଡ଼ିଭିଜନର ରାଜ୍ୟ ସଂଯୋଜକ ତଥା ଇଏନ୍‌ଟି ବିଶେଷଜ୍ଞ ସ୍ତମ୍ଭକାର ଡାକ୍ତର ନୀଳମାଧବ ପୃଷ୍ଟି ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ଏହି ସେମିନାରର ପ୍ରଥମ ସଭାରେ ଡାକ୍ତରଙ୍କ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏଥିରେ ବକ୍ତା ଭାବେ ପଶ୍ଚିମବଙ୍ଗର ମେଡ଼ିଭିଜନ ସଂଯୋଜକ ଡାକ୍ତର ଇନ୍ଦ୍ରାନିଲ୍ ଖାନ ଓ ଆପୋଲୋ ଭୁବନେଶ୍ୱରର ପ୍ରବନ୍ଧକ ଫିରୋଜ ଆଲମ୍ ଯୋଗ ଦେଇଥିଲେ। ଦ୍ୱିତୀୟ ସଭାରେ ଏନ୍.ଏମ୍.ସି. ବିଲ ଉପରେ ଆଲୋଚନା ହୋଇଥିଲା। ଡାକ୍ତର ଏମ୍.କେ. ରମେଶ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସେମିନାରରେ ରାଜ୍ୟର ବିଭିନ୍ନ ମେଡ଼ିକାଲ କଲେଜରୁ ପ୍ରାୟ ଦୁଇଶହ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଡାକ୍ତର ନଗେନ୍ଦ୍ର କୁମାର ରାଜାସାମନ୍ତ, ଡାକ୍ତର ଜ୍ୟୋତିର୍ମୟ ନାୟକ, ଡାକ୍ତର ଦେବଦର୍ଶୀ ସାହୁ, ଡାକ୍ତର ଆଶିଷ ମିଶ୍ର, ଡାକ୍ତର ଆଲୋକ ସାହୁ, ଦିପକ ସାମଲ, ଦେବକିନନ୍ଦନ ସେନାପତି ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, ଚିରଞ୍ଜିବ ନାୟକ, ସୋନାଲି ବେହେରା, ବୁଦ୍ଧଦେବ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୂଚନା ଅଧିକାର (ସଂଶୋଧନ ବିଲ୍)-୨୦୧୯ ପ୍ରତ୍ୟାହାର ଦାବିରେ 'ଓସା'ର ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ



ଭୁବନେଶ୍ୱର (ପିଏନ୍): ସମଗ୍ର ଦେଶରେ କୌଣସି ବିତର୍କ ନ କରାଇ ଅତ୍ୟନ୍ତ ମନୋମୁଖୀ ଭାବେ କେନ୍ଦ୍ର ସରକାର ସଂସଦର ଉଭୟ ସଦନରେ ଯେପରି ଭାବେ ସୂଚନା ଅଧିକାର (ସଂଶୋଧନ) ବିଲ୍‌କୁ ପାସ୍ କରାଇନେଲେ, ଏହାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ବିରୋଧ କରାଯିବା ସହ ଏହାର ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ଏହାସହିତ ଏହି ସଂଶୋଧନ ବିଲ୍‌କୁ ସ୍ୱୀକୃତି ନ ଦେବା ପାଇଁ ଏବଂ ପୁନଃ ବିଚାର ପାଇଁ ସଂସଦକୁ ଫେରାଇଦେବା ପାଇଁ 'ଓସା' ତରଫରୁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ଏହି ସଂଶୋଧନ ବିଲରେ କେନ୍ଦ୍ରୀୟ ସୂଚନା କମିଶନ ଏବଂ ରାଜ୍ୟ ସୂଚନା କମିଶନମାନଙ୍କ ଦରମା, ଭତ୍ତା, ଚାକିରୀ ସର୍ତ୍ତାବଳୀ, ନିଯୁକ୍ତି ସମୟସୀମା ଇତ୍ୟାଦି କେନ୍ଦ୍ର ସରକାର ସରକାରୀ ବିଜ୍ଞପ୍ତି ଜରିଆରେ ସ୍ଥିର କରିବେ ବୋଲି ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଆଇନ୍‌ରେ ବ୍ୟବସ୍ଥା ଅଛି ଯେ, କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନରଙ୍କ ନିଯୁକ୍ତି ସମୟସୀମା ପାଂଚବର୍ଷ ଏବଂ ମୁଖ୍ୟ ନିର୍ବାଚନ କମିଶନଙ୍କର ଯଥା ସୁପ୍ରିମକୋର୍ଟ ବିଚାରପତିଙ୍କ ଦରମା, ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇବା ପାଇଁ କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର ହକ୍‌ଦାର। ସେହିପରି କେନ୍ଦ୍ରୀୟ ସୂଚନା କମିଶନର ଏବଂ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ନିଯୁକ୍ତି ପାଂଚବର୍ଷ ଏବଂ ଏମାନଙ୍କର ଦରମା, ଭତ୍ତା, ନିର୍ବାଚନ କମିଶନର ବା ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଦରମା, ଭତ୍ତା ସହିତ ସମାନ। ଏହାସହିତ ସୂଚନା ଆଇନ୍‌ର ୧୨(୪) ଏବଂ ୧୪(୪) ଅନୁଯାୟୀ କେନ୍ଦ୍ରୀୟ ସୂଚନା କମିଶନ ବା ରାଜ୍ୟ ସୂଚନା କମିଶନ କୌଣସି କର୍ତ୍ତୃପକ୍ଷଙ୍କ ପ୍ରଭାବର ବଶବର୍ତ୍ତୀ ନହୋଇ ସ୍ୱାଧୀନଭାବେ କାମ କରିବେ। ଅର୍ଥାତ୍ କମିଶନଙ୍କ ଦୈନନ୍ଦିନ କାର୍ଯ୍ୟରେ ସରକାରୀ ହସ୍ତକ୍ଷେପ ରହିବ ନାହିଁ। କିନ୍ତୁ କେନ୍ଦ୍ର ସରକାର ଯେଉଁ ସଂଶୋଧନ ବିଲ୍ ଆଣିଛନ୍ତି, ଏହାଦ୍ୱାରା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସୂଚନା କମିଶନ କେନ୍ଦ୍ର ସରକାରଙ୍କ ଅଧୀନରେ ରହି କାମ କରିବେ। କେନ୍ଦ୍ର ସରକାର ତାଙ୍କର ମନମୁତାବକ କମିଶନମାନଙ୍କର ଚାକିରୀ ସର୍ତ୍ତାବଳୀ, ଦରମା ଭତ୍ତା ସମୟକୁ ସମୟ ନିର୍ଦ୍ଧାରଣ କରିବେ। ଏହାଦ୍ୱାରା କମିଶନଙ୍କ ସ୍ୱତନ୍ତ୍ରତା ଏବଂ ସ୍ୱାଧୀନତା କ୍ଷୁର୍ଣ୍ଣ ହେବ। ସୂଚନା ପ୍ରଦାନ କ୍ଷେତ୍ରରେ ସୂଚନା କମିଶନ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ ନାହିଁ। ଏହାସହିତ ସୂଚନା ଅଧିକାର ସଂଶୋଧନ ବିଲ୍‌କୁ ରାଜ୍ୟସଭାରେ ବିଜେଡ଼ି ଦଳର ସମର୍ଥନକୁ ନାପସନ୍ଦ କରାଯାଇଛି। ରାଜ୍ୟରେ ଦୀର୍ଘ ୧୨ ବର୍ଷ ଧରି ନବୀନ ସରକାର ଯେପରି ସୂଚନା ଆଇନ୍‌କୁ ଅକାମୀ କରି ରଖିଛନ୍ତି, ସେହିପରି ସମଗ୍ର ଦେଶରେ ସୂଚନା ଆଇନ୍‌କୁ ଅକାମୀ କରିବା ପାଇଁ ମୋଦିଙ୍କ ସହିତ ହାତ ମିଳାଇଛନ୍ତି ବୋଲି 'ଓସା' ତରଫରୁ ଅଭିଯୋଗ କରାଯାଇଛି। ନବୀନ ପଟ୍ଟନାୟକ ସରକାର ଯେହେତୁ ବହୁ ଦୁର୍ନୀତିରେ ସମ୍ପୃକ୍ତ ଏବଂ ଖଣି ଦୁର୍ନୀତି ଓ ଚିଟ୍‌ଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତର କଳାବାଦଲ ଘେରି ରହିଛି, ସେଥିପାଇଁ ବିଜେପି ସରକାରଙ୍କୁ ଖୁସି କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହା ଅନ୍ୟ ଏକ ପଦକ୍ଷେପ ବୋଲି ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି। ତେଣୁ ଏହି ସଂଶୋଧନ ବିଲ୍‌କୁ ସ୍ୱୀକୃତି ନ ଦେବା ପାଇଁ ଅଭିଯାନ ତରଫରୁ ରାଷ୍ଟ୍ରପତିଙ୍କୁ ନିବେଦନ କରିବା ପାଇଁ ରାଜ୍ୟରେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଅଗଷ୍ଟ ୧ରୁ ୭ ତାରିଖ ସପ୍ତାହବ୍ୟାପୀ ବିଭିନ୍ନ ଜିଲ୍ଲାରେ ପଥପ୍ରାନ୍ତ ସଭା, ସେମିନାର, ପ୍ରତିବାଦ ବିକ୍ଷୋଭ, ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଦସ୍ତଖତ ଅଭିଯାନ ଇତ୍ୟାଦି ଆୟୋଜନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମସ୍ତ ସଚେତନ ନାଗରିକ, ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ସୂଚନାଧିକାର କର୍ମୀମାନଙ୍କୁ ନିବେଦନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନ୍‌ଜୀବୀ ସୁଧୀର ମହାନ୍ତି, ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀ, ଶ୍ରୀକାନ୍ତ ପାକଳ, ରଞ୍ଜୁଲତା ମହାପାତ୍ର, ସନ୍ତୋଷ କୁମାର କୁଣ୍ଡୁ, ଅବଲ ହାତୀ, ଜିତେନ୍ଦ୍ର ସାହୁ, ପ୍ରଫେସର୍ ଯନ୍ତ୍ରଣା ପରିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ମେଦବହୁଳତା ଡାକ୍ତର ସମ୍ମାନିତ



ଭୁବନେଶ୍ୱର (ପିଏନ୍): ଟାଇମ୍ସ ଗ୍ରୁପ୍ ଓ ଟାଇମ୍ ଅଫ ଇଣ୍ଡିଆ ତରଫରୁ ପ୍ରତିବର୍ଷ ଭଳି ୨୦୧୮-୧୯ ବର୍ଷ ପାଇଁ ଶ୍ରେଷ୍ଠ ଡ଼ାକ୍ତରମାନଙ୍କୁ ସମ୍ମାନିତ କରାଯାଇଅଛି। ଅତ୍ୟାଧୁନିକ ଯୁଗରେ ମେଦବହୁଳତାର ସଫଳ ଚିକିତ୍ସା ଏକ ବିରାଟ ସମସ୍ୟା ରୂପେ ଦେଖାଦେଇଛି।

ଖାରବେଳ ନଗରସ୍ଥିତ ରାମମନ୍ଦିର ନିକଟରେ ଥିବା ଚାର୍ମସ୍ ବିଗତ ଚାରିବର୍ଷ ହେଲା ମେଦବହୁଳତାର ସଫଳ ସମାଧାନ କରିପାରୁଛି ବିନା ଔଷଧ ଓ ସର୍ଜରୀରେ। ଏଠାକାର ଅଭିଜ୍ଞ ଡ଼ାକ୍ତର ଏବଂ ଡାଏଟିସିଆନମାନେ ରୋଗୀମାନଙ୍କୁ ସଫଳତାର ସହ ଏକ ସୁସ୍ଥ ଜୀବନଶୈଳୀ ଏବଂ ନିରାପଦ ଜୀବନଯାପନର ଉପାୟ ବତାଇ ପାରୁଛନ୍ତି।

ମେଦବହୁଳତା ନିରାକରଣ ପାଇଁ ସଫଳ ଗବେଷଣା କରିଥିବାରୁ ଡ଼ାକ୍ତର ନଳିନୀକାନ୍ତ ମିଶ୍ରଙ୍କୁ ଟାଇମ୍‌ସ ଅଫ ଇଣ୍ଡିଆ ତରଫରୁ ସମ୍ମାନିତ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ବଲିଉଡ଼ ଅଭିନେତା ସୋନୁ ସୁଦ ଯୋଗଦେଇ ବହୁ ପ୍ରତିଷ୍ଠିତ ଡ଼ାକ୍ତରମାନଙ୍କୁ ସମ୍ମାନିତ କରିଛନ୍ତି। ସମ୍ମାନିତ ପରେ ଚାର୍ମସ୍‌ର ନିର୍ଦ୍ଦେଶକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ଚାର୍ମରେ ଜାପାନ, ଫ୍ରାନ୍ସ ଏବଂ କୋରିଆରେ ପ୍ରସ୍ତୁତ ବିଭିନ୍ନ ଚିକିତ୍ସା ପ୍ରଣାଳୀ ଏବଂ ଅତ୍ୟାଧୁନିକ ଉପକରଣ ଦ୍ୱାରା ମେଦବହୁଳତାର ସମାଧାନ ସହିତ ଶରୀରେ ସମସ୍ତ ଅଂଶରୁ ସଫଳତାର ସହ ଚର୍ବିକୁ ବିନା ସର୍ଜରୀରେ ଓ ବିନା ଔଷଧରେ ହଟାଇ ଦିଆଯାଇପାରୁଛି।

# ବିଦ୍ୟୁତ୍ ବିଭାଗର ଭାଙ୍ଗୁନାହିଁ କୁମ୍ଭକର୍ଣ୍ଣ ନିଦ୍ରା



ଭୁବନେଶ୍ୱର (ପିଏନ୍): କେଉଁଠି ବିଦ୍ୟୁତ୍ ଖୁଣ୍ଟ ଧନୁଭଳି ରାସ୍ତା ଉପରକୁ ଢଳି ରହିଛି ତ' କେଉଁଠି ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ଖୁଣ୍ଟ ଝୁଲି ରହିଛି। କେଉଁଠି ଖୁଣ୍ଟ ଗୁଡ଼ିକ କଳଙ୍କି ଲାଗି ଖତରା ହୋଇଗଲାଣି। ଆଉ କେଉଁଠି ଟ୍ରାନ୍ସଫର୍ମର ପାଚେରୀ ଭୁଷୁଡି ଯାଇଛି। ଆହୁରି ମଧ୍ୟ ଅନେକ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ଭିତରେ ଓ ବିଦ୍ୟୁତ୍ ଖୁଣ୍ଟି ତାର ଉପରେ ଗଛଲତା ମାଡ଼ିଗଲାଣି। ଭୂମିକୁ କରେଣ୍ଟ ଛୁଇଁଲାଣି, ଯାହା ଜୀବଜନ୍ତୁ ଓ ଖାଲି ପାଦରେ ଯାଉଥିବା ଲୋକ ପାଇଁ ବିପଦର କାରଣ। ଏ ହେଉଛି ଆମ ସ୍ମାର୍ଟସିଟି ଭୁବନେଶ୍ୱରର ବିଦ୍ୟୁତ ଖୁଣ୍ଟିର ବାସ୍ତବ ଚିତ୍ର। ମହାବାତ୍ୟା 'ଫନି'କୁ ଅଢେଇମାସ ବିତିଯାଇଥିଲେ ମଧ୍ୟ ରାଜଧାନୀର ବିପଦଶଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟିଗୁଡ଼ିକ ଏପର୍ଯ୍ୟନ୍ତ ସିଧା ହୋଇପାରିନାହିଁ। ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ସତେ ଯେମିତି ବିଦ୍ୟୁତ୍ ବିଭାଗ ନୀରବଦ୍ରଷ୍ଟା ସାଜିଛି। ପୁରା ରାଜଧାନୀରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। 'ଫନି' ପରେ ବିଭାଗ ପକ୍ଷରୁ ଯାହି ତାହି ଭାବେ ବିଦ୍ୟୁତ୍ ସଂଯୋଗ ଯୋଡ଼ି ଦିଆଗଲା। ବିଭାଗ ମଧ୍ୟ ଝାଡ଼ିଝୁଡି ହୋଇ ବସିପଡ଼ିଲା। ଲଗାଣ ଲଘୁଚାପ ବର୍ଷାରେ କେତେବେଳେ ଯେ ମାଟିଧସି ଖୁଣ୍ଟି ଉପୁଡିବ କହିବା ମୁସ୍କିଲ୍। ଯଦି ଏହି ପ୍ରସଙ୍ଗରେ ଆମେ ରାଜଧାନୀ ଭୁବନେଶ୍ୱରର ପଳାସପଲ୍ଲୀରୁ ଶିଶୁଭବନ ଛକ ଆଡକୁ ଯିବା ବାମ ଓ ଡାହାଣ ପଟ ମିଶାଇ ୭-୮ ଖୁଣ୍ଟି ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। ଶିଶୁଭବନ ଛକରେ ରହିଥିବା ଉଚ୍ଚ ଶକ୍ତି ସଂପନ୍ନ ବିଦ୍ୟୁତ୍ ଖୁଣ୍ଟର ଅବସ୍ଥା ନ କହିବା ଭଲ। ପୋଖରୀପୁଟର କୋକିଳା ଗାର୍ଡେନ୍ ଯିବା ରାସ୍ତାରେ ବି ସମାନ ଅବସ୍ଥା। ଏତଦ୍ ସହ ପୋଖରୀପୁଟ ଅଞ୍ଚଳରେ ଟ୍ରାନ୍ସଫର୍ମର ଓ ଖୁଣ୍ଟି ଉପରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ସରବରାହ କରୁଥିବା ତାରକୁ ଗଛଲତା ଛୁଇଁଲାଣି । ଏହା ବିପଦକୁ ନିମନ୍ତ୍ରଣ କରୁନାହିଁ ତ' ଆଉ କ'ଣ ହୋଇପାରେ? ଖୁଣ୍ଟି କ'ଣ ଉପୁଡିଲେ ଧନଜୀବନ ହାନି ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଚେତିବେ! ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟି ଗୁଡ଼ିକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

# ଚିତାଲାଗି ଅମାବାସ୍ୟା ଓ ଗେଣ୍ଡା ପୂଜାର ପରମ୍ପରା



**ଉ**ତ୍କଳୀୟ ପର୍ବପର୍ବାଣୀ ମଧ୍ୟରେ ଚିତାଲାଗି ଅମାବାସ୍ୟାର ବିଶେଷ ଗୁରୁତ୍ୱ ରହିଛି। ଏହା ଶ୍ରାବଣ ଅମାବାସ୍ୟା ନାମରେ ଖ୍ୟାତ। ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ ଏହାର ଉଲ୍ଲେଖ ଥିବା ଜଣାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୨ଟି ପ୍ରଧାନ ଯାତ୍ରାକୁ ବାଦଦେଲେ ପ୍ରତ୍ୟେକ ମାସରେ ଅନେକ ଉପଯାତ୍ରା ରହିଛି। ସେହି ଉପଯାତ୍ରାଗୁଡ଼ିକ ମଧ୍ୟରେ ଶ୍ରାବଣ ମାସର ଅମାବାସ୍ୟାରେ ଅନୁଷ୍ଠିତ ଚିତାଲାଗି ଅମାବାସ୍ୟା ଅନ୍ୟତମ। ଏହି ଦିନ ମହାପ୍ରଭୁଙ୍କ ଲଲାଟରେ ଚିତା ଅର୍ପଣ କରିବା ବିଧେୟ। ସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମସ୍ତକରେ ଯେଉଁ ଚିତାଲାଗି କରାଯାଇଥାଏ, ସେଗୁଡ଼ିକୁ ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ। ନାନା ରତ୍ନରେ ନିର୍ମିତ ଚିତା ସମାଜର ମଙ୍ଗଳ ନିମିତ୍ତ ପ୍ରଭୁଙ୍କ ଲଲାଟରେ ଏହି ଦିନ ଲାଗି କରିବା ବିଧେୟ। ଗଙ୍ଗ ରାଜାମାନେ ଓଡ଼ିଶାରେ ଆଧିପତ୍ୟ ବିସ୍ତାର କରିବା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ପୂଜାରେ ରାଜକୀୟ ଆଡ଼ମ୍ବର ପରିଲକ୍ଷିତ ହୋଇଥିଲା। ସେମାନେ ଶ୍ରୀଜଗନ୍ନାଥଙ୍କୁ କଳିଙ୍ଗ ସାମ୍ରାଜ୍ୟର ଅଧୀଶ୍ୱର ରୂପେ ସ୍ୱୀକାର କରିଥିଲେ ଏବଂ ଶ୍ରୀମନ୍ଦିରରେ କେତେକ ପର୍ବର ପ୍ରଚଳନ କରାଇଥିଲେ। ତନ୍ମଧ୍ୟରୁ ଚିତାଲାଗି ଅମାବାସ୍ୟା ଅନ୍ୟତମ। ଶ୍ରାବଣ ମାସର ଅମାବାସ୍ୟା ଦିନଟି ବିଷ୍ଣୁ ପୂଜା ଲାଗି ପ୍ରଶସ୍ତ ହୋଇଥିବାରୁ ଠାକୁର ରାଜାଙ୍କ ନିର୍ଦ୍ଦେଶରେ ଏହି ଦିନଟି ଚିତାଲାଗି ଅମାବାସ୍ୟା ନାମରେ ଖ୍ୟାତିଲାଭ କରିଥିଲା। ଏହି ଦିନ ମହାପ୍ରଭୁଙ୍କ ନିତ୍ୟ ପୂଜା ଓ ଧୂପ ଶେଷ ହେବାପରେ ଦଇତାପତିମାନେ ତିନି ଠାକୁରଙ୍କ ଲଲାଟରେ ଚିତା ଲାଗି କରନ୍ତି। ଏହାପରେ ମହାସ୍ନାନ, କର୍ପୂର ଆଳତି, ମଙ୍ଗଳ ଆଳତି ଓ ବନ୍ଦାପନା ଆଦି କାର୍ଯ୍ୟ ହୋଇଥାଏ। କେତେକ ଅଞ୍ଚଳରେ ଏହା ଗେଣ୍ଡା କଟା ଅମାବାସ୍ୟା, ଚିତୋଉ ଅମାବାସ୍ୟା ନାମରେ ଖ୍ୟାତ। ବ୍ରାହ୍ମଣ ଶାସନର ପ୍ରତ୍ୟେକ ଘରେ ଚିତୋଉ ପିଠା ଓ ଖିରୀ ଆଦି ଭୋଗ କୁଳଦେବତାଙ୍କୁ ଲାଗି କରାଯାଏ। ଚିତାଲାଗି ଓଷା ଓଡ଼ିଆ ଘରର ଏକ ପ୍ରମୁଖ ପର୍ବ। ଗୃହିଣୀମାନେ ଘରେ ଚିତଉ ପ୍ରସ୍ତୁତ କରି ଏହି ପିଠାକୁ ଧାନ କ୍ଷେତରେ, ବାଡ଼ିବଗିଚାରେ, ଫସଲ କିଆରିରେ ମାଟିକୁ ଜନନୀ ଜ୍ଞାନ କରି ତାହାଙ୍କ ପାଇଁ ସମର୍ପଣ କରି ପୋତନ୍ତି। ତା'ସହିତ ଠାକୁର ବା ଇଷ୍ଟଦେବତାଙ୍କୁ ମଧ୍ୟ ଭୋଗ କରନ୍ତି। ଏହି ସମୟରେ ବିଲରେ ପ୍ରଚୁର ଗେଣ୍ଡା ଦେଖାଯାଆନ୍ତି। ଏମାନେ ଚାରା ସବୁ କାଟି ପକାନ୍ତି। ପୁଣି ବଛା ଖେଳା ବେଳେ ଚାଷୀ ଗୋଡ଼, ଆଣ୍ଠୁ ବା ହାତକୁ କାଟି ଦିଅନ୍ତି। କାରଣ ଆଣ୍ଠୁ ପକାଇ ବିଲ ବାଛିବା ବେଳେ ହାତ ଓ ଗୋଡ଼ ଭୂମି ସହିତ ଲାଗି ରହିଥା'ନ୍ତି। ଏଣୁ ସାମାନ୍ୟ ଅସାବଧାନତାରୁ ଗେଣ୍ଡା ଗୋଡ଼ ଆଣ୍ଠୁ କାଟିଦିଏ। ଏହି ଦୁଇଟିରୁ ରକ୍ଷାପାଇବା ପାଇଁ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଚିତଉପିଠା କରି ପୋଖରୀ ବା ଚାଷଜମିକୁ ଫିଙ୍ଗନ୍ତି। ଗେଣ୍ଡାମାନେ ପିଠା ପ୍ରତି ଆକୃଷ୍ଟ ହୋଇ ଚାରାଗଛ ଓ ମଣିଷ ଠାରୁ ନିବୃତ୍ତ ରହନ୍ତି। ପରମ୍ପରା ଅନୁଯାୟୀ ଏହିଦିନରେ ପୋଖରୀରୁ ଗେଣ୍ଡା ଉଦ୍ଦେଶ୍ୟରେ ଝିଅ ପିଲାମାନେ ପିଠା ନିକ୍ଷେପ କରି ବାପା ଭାଇ ଓ ବନ୍ଧୁବାନ୍ଧବମାନଙ୍କ ଗୋଡ଼ ନ କାଟିବାକୁ ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ କହନ୍ତି- ଗେଣ୍ଡେଇଶୁଣିଲୋ ଗେଣ୍ଡେଇଶୁଣି ମୋ ଗୋଡ଼ କାଟିବୁ ନାହିଁ, ମୋ ବାପା ଗୋଡ଼ କାଟିବୁ ନାହିଁ, ମୋ ବୋଉ ଗୋଡ କାଟିବୁ ନାହିଁ, ଭାଇ ଗୋଡ କାଟିବୁ ନାହିଁ। ଆମ ଫସଲ କାଟିବୁ ନାହିଁ। ଏଥିପାଇଁ ଏହି ଓଷାରେ ଗେଣ୍ଡାଙ୍କୁ ଗେଣ୍ଡେଇଷୁଣି ନାମରେ ପୂଜା ମଧ୍ୟ କରାଯାଇଥାଏ। ଏହି ବିଧି ସକାଶେ ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ଆଦିରେ ଏହା ଗେଣ୍ଡାକାଟା ଅମାବାସ୍ୟା ନାମରେ ଜଣା।

**ନାଟ୍ୟସାରଥି ଅଭୟ କୁମାର ଦାସ,**
**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2556786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Phagun Communication






ୟୁରୋପିଅନ ପ୍ରତିନିଧି ଦଳଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ବଡ଼ଚଣାର ବିଭିନ୍ନ ସ୍ଥାନରେ କାଳିପୂଜା ଅନୁଷ୍ଠିତ

ଚଣ୍ଡିଖୋଲ ୨୮/୧୦ (ପିଏନ)- ଆଲୋକର ପର୍ବ ଦିପାବଳୀ ଅବସରରେ ବଡ଼ଚଣାର ବିଭିନ୍ନ ସ୍ଥାନରେ ମା" କାଳୀଙ୍କର ପୂଜାତ୍ସୋବ ଭକ୍ତି, ଶ୍ରଦ୍ଧା ଓ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଧାନମଣ୍ଡଳ, ବଡ଼ଚଣା, ବୈରୀ, ଛତିଆ ଆଦି ସ୍ଥାନ ମାନଙ୍କରେ କାଳୀ ପୂଜା, ଦିପାବଳୀ ପାଳିତ ହୋଇଯାଇଛି। ଆକର୍ଷଣୀୟ ପୂଜା ଭାବରେ ବଡ଼ଚଣା ଗଣ୍ଡି ଠାରେ ୪୧ ତମ ଦକ୍ଷୀଣକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ୨୮ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୂଜାରେ ପ୍ରତ୍ୟେହ ପ୍ରବଚନ, ସକୀର୍ତ୍ତନ, ଭଜନ ସନ୍ଧ୍ୟା, ପାଲା, ସାଂସ୍କୃତିକ ଉତ୍ସବ ମାନ ଧୂମ ଧାମରେ ପାଳନ ହେବ। ଏହି ପୂଜାକୁ ସଭାପତି ମଧୁସୂଦନ ବଳ, ଉପସଭାପତି ଶୁଭ୍ରାଂଶୁ ସାହୁ, ମନୋଜ ମିଶ୍ର, ଅଦ୍ୱୈତ ଲେଙ୍କା, ସଂପାଦକ ପବିତ୍ର ଆଚାର୍ଯ୍ୟ, ରାଜେନ୍ଦ୍ର ନାୟକ, ସୁଧାଂଶୁ ଧଳ, ହିମାଂଶୁ ସାହୁ, ବିଭୂଦତ୍ତ ବଳ, ବଟକୃଷ୍ଣ ବଳ, ଅକ୍ଷୟ ରାଉତ, ଶେଖର ବଳ, ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦୁଝର : କନିଷ୍ଠ ରାଜସ୍ୱ ସହାୟକଙ୍କ ବିୟୋଗରେ ଶୋକସଭା

କେନ୍ଦୁଝର,(ପିଏନ)-ଆନନ୍ଦପୁର ତହସିଲରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହାୟକଙ୍କ ଶୁକଦେବ ମୁଣ୍ଡାଙ୍କର ଚଳିତ ଅକ୍ଟୋବର ୨୭ ତାରିଖ ରାତିରେ ଅକାଳ ବିୟୋଗ ହୋଇଯାଇଛି। ଏହି ପରିପ୍ରେକ୍ଷରେ ଅକ୍ଟୋବର ୨୮ ତାରିଖ ପୂର୍ବାହ୍ନରେ ରାଜସ୍ୱ ଅମଲା ସଂଘ କେନ୍ଦୁଝର ଜିଲ୍ଲା ଶାଖା ଆନୁକୁଲ୍ୟରେ ଦରବୀର ହଲ ଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ/ ଉପ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ରାଜସ୍ୱ ଅମଲା ସଂଘର କର୍ମକର୍ତା ଉପସ୍ଥିତ ରହି ସର୍ଗତଃ ମୁଣ୍ଡାଙ୍କର ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରି ଥିଲେ। ଏତଦବ୍ୟତୀତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ରାଜସ୍ୱ ଅମଲା ସଂଘ କେନ୍ଦୁଝର ଜିଲ୍ଲା ଶାଖାର ସଭାପତି ମହମ୍ମଦ ଅଲ୍ଲୀ ଜିନ୍ନା, ଉପ ସଭାପତି ରାଜକିଶୋର ପଣ୍ଡା, ରଶ୍ମୀ ରଂଜନ ମହାନ୍ତି, ସରୋଜ କୁମାର ସାହୁ, ସଂପାଦକ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ ନୂଆପଡା ଜିଲ୍ଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାକୁ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ କରାଯାଉଥିବା ବେଳେ ଅନେକ ପର୍ଯ୍ୟଟନ କେନ୍ଦ୍ର ଏବେବି ସ୍ଥାନୀତ ହୋଇପାରିନାହିଁ। ପର୍ଯ୍ୟଟନ ବିକାଶ କହିଲେ ଏଠାରେ ଶୂନ ବୁଝାଇଥାଏ। ଦିର୍ଘ ବର୍ଷ ପରେ ମଧ୍ୟ ପର୍ଯ୍ୟଟନର ଉନ୍ନତି କରଣ କରାଯାଇ ପାରିନାହିଁ। ଜିଲ୍ଲାର ପ୍ରମୁଖ ସହର ନୂଆପଡା, ଖରିଆର ରୋଡ, କୋମନା, ସିନାପାଲି, ବୋଡେନ, ଖଡିଆଳ ଠାରେ ଅନେକ ପର୍ଯ୍ୟଟନ କେନ୍ଦ୍ର ରହିଅଛି।

ଓଡିଶାର ପ୍ରଥମ ସାହିତ୍ୟ ସମିତି, ଓଡିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ, ଖଡିଆଳ ସହର ମଧ୍ୟରେ କଳା ଓ ସ୍ଥାପତ୍ୟ ୧୫୦ ବର୍ଷର ପୁରୁଣା ଦରବାର ହଲ, ଖଡିଆଳ ପୂର୍ବକୁ ୧୦ କିଲୋମିଟର ଦୂରତା ଯୋଗୀମଠ ଅବସ୍ଥିତ। ଯୋଗୀମଠ ମାନବ ସମାଜର ଭାଷାର ଉଦ୍‌ଭାବନ ପୂର୍ବରୁ ନିଜ ଭାବନାକୁ ଚିତ୍ର ମାଧମରେ ଆଙ୍କି ଥିବା ଗୁମ୍ଫା ଶୀଳାଲିପି ଏବେବି ମୂକସାକ୍ଷୀ ରୂପେ ଦଣ୍ଡାୟମାନ ଅଟେ। ଏହି ସବୁ ପର୍ଯ୍ୟଟନ କେନ୍ଦ୍ରକୁ ଓଡିଶା ମାନଚିତ୍ରରେ ସ୍ଥାନୀତ କରାଯାଇନଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଅଭାବ କାରଣରୁ ଧ୍ୱଂସ ହେବାରେ ବସୁଛି। ଓଡିଶା ସରକାର ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଏହାର ରକ୍ଷଣା ବେକ୍ଷଣରେ ଗୁରୁତ୍ୱ ଦେଲେ ଉପାନ୍ତ ନୂଆପଡା ଜିଲ୍ଲାବାସୀ ପର୍ଯ୍ୟଟନରେ ଉନ୍ନତି ହେବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ରାଜ୍ୟ ସରକାର ଗୁରୁତ୍ୱ ଦେଇ ଖଡିଆଳ ସହ ନୂଆପଡା ଜିଲ୍ଲାରେ ଥିବା ପର୍ଯ୍ୟଟନସ୍ଥଳୀ ମାନଙ୍କୁ ସ୍ଥାନୀତ କରିବା ସହ ବିକାଶ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ଗଂଜାମ ଜିଲ୍ଲାରେ ଡେଙ୍ଗୁ ଥମିବାର ନାଁ ଧରୁନି

ଗଂଜାମ,(ପିଏନ)- ଗଂଜାମ ଜିଲ୍ଲାରେ ଡେଙ୍ଗୁ ରୋଗୀ ସଂଖ୍ୟା ଥମିବାର ନାଁ ଧରୁନି। ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ବାନ ମଣ୍ଡଳୀରେ ଏହି ରୋଗରେ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଗତ କାଲି ପୁଣି ଶେରଗଡ଼ ବ୍ଲକର ପିତଳ ଗ୍ରାମର କାହ୍ନୁ ଯେନା ଓ ଅଲାରିଗଡ଼ର ନିର୍ମଳ ଭୂୟାଁ ସୁରତ ଏବଂ ବଶାଖାପାଟଣାରୁ ଆକ୍ରାନ୍ତ ହୋଇ ଶେରଗଡ଼ ବ୍ଲକ ନିଜ ଘରକୁ ଫେରିଛନ୍ତି । ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଯାଇଛି। ବର୍ତମାନ ଗଂଜାମ ଜିଲ୍ଲାରେ ୨୧୧ ଜଣଙ୍କଠାରେ ଡେଙ୍ଗୁ ପଜେଟିଭ ବାହାରିବା ଏବଂ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି । ଏହି ୨୧୧ ଜଣଙ୍କ ମଧ୍ୟ ୧୫୨ ଜଣ ବାହାର ରାଜ୍ୟରୁ ଆକ୍ରାନ୍ତ ହୋଇ ଆସିଥିବା ବେଳେ ୫୯ ଜଣ ଗଂଜାମ ଜିଲ୍ଲାରେ ଚିହ୍ନିତ ହୋଇଛନ୍ତି ବୋଲି ଜିଲ୍ଲା ମେଲେରିଆ ଅଧିକାରୀ ଡାକ୍ତର ଆର.ଜଗଦୀଶ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ଶେରଗଡ଼ ବ୍ଲକରେ ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ନିରାକରଣ ପାଇଁ ପ୍ରତିଷେଧକ ତଥା ନିରାକରଣ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଯେଉଁ ବ୍ୟକ୍ତି ସ୍ୱଛତା ଓ ପରିମଳ କାର୍ଯ୍ୟରେ ବାଧକ ସାଜୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି।

# ନଭେମ୍ବର ୨୭ରୁ ଶ୍ରମ କମିଶନର ଅଫିସ୍ ଆଗରେ ଧାରଣା ଦେବେ ନିର୍ମାଣ ଶ୍ରମିକ

ଭୁବନେଶ୍ୱର, (ପିଏନ)- କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ଘୋଷିତ ସୁବିଧା ସୁଯୋଗରୁ ବଂଚିତ କରିବା ଓ ଅଘୋଷିତ ଭାବେ ଶ୍ରମିକ ସଂଗଠନ ଓ ୟୁନିୟନମାନଙ୍କୁ ପଞ୍ଜିକରଣ ଓ ବେନିଫିଟ ପ୍ରଦାନ ପ୍ରକ୍ରିୟାରୁ ଦୂରେଇ ଦେବା ସରକାର ଚକ୍ରାନ୍ତର ପ୍ରତିବାଦରେ ଆଜି ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ କମିଟି ଡାକରାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପଞ୍ଜିକୃତ ୟୁନିୟନ୍ ପ୍ରତିନିଧିମାନଙ୍କର ବୈଠକ ସ୍ଥାନୀୟ ଏ.ଆଇ.ଟି.ୟୁ.ସି. କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା।

ଶ୍ରମିକ ନେତା ଶିବରାମଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଆସନ୍ତା ନଭେମ୍ବର ୨୭ରୁ ଶ୍ରମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେବାକୁ ନିଷ୍ପତି ନିଆଯାଇଛି।

ନିର୍ମାଣ ଶ୍ରମିକଙ୍କର ବିଭିନ୍ନ ସମସ୍ୟା ଯଥା- ଘରୋଇ ଇଂଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ନିର୍ମାଣ ଶ୍ରମିକ ସନ୍ତାନସନ୍ତତିଙ୍କ ଶିକ୍ଷା ସହାୟତା ବନ୍ଦ ନିଷ୍ପତିର ପ୍ରତ୍ୟାହାର, ପୁନଃ ନବୀକରଣ ଚାଲୁ କରିବା ଓ ଦୀର୍ଘ ୧୦ ବର୍ଷ ଧରି ପଞ୍ଜିକରଣ ନବୀକରଣ ଓ ସହାୟତା ରାଶି ପ୍ରଦାନ କ୍ଷେତ୍ରରେ ଦାୟିତ୍ୱ ପାଳନ କରି ଆସିଥିବା ୟୁନିୟନମାନଙ୍କୁ ଶ୍ରମ ଦପ୍ତର ବାରଣ କରାଯିବା ଭଳି ମାରାତ୍ମକ ଶ୍ରମିକ ସ୍ୱାର୍ଥ ବିରୋଧୀ ପଦକ୍ଷେପ ବିରୋଧରେ ତଥା ଆନ୍ଦୋଳନ ପରେ ସରକାର ଗତ ମାର୍ଚ୍ଚ ୨୦୧୯ରୁ ଝିଅ ବିବାହ ସହାୟତା ରାଶି ୫୦ ହଜାର ଟଙ୍କା ଓ ମୃତ୍ୟୁ ସହାୟତା ସାଧାରଣ ମୃତ୍ୟୁ କ୍ଷେତ୍ରରେ ଏକ ଲକ୍ଷରୁ ୨ ଲକ୍ଷ ଓ ଦୁର୍ଘଟଣା କ୍ଷେତ୍ରରେ ଏହାକୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା ବୋଲି ରାଜ୍ୟ ଶ୍ରମ ବିଭାଗ କମିଶନରଙ୍କୁ ମାର୍ଚ୍ଚ ମାସରେ ଲାଗୁ କରିବା ନିର୍ଦ୍ଦେଶ ଦେଇଥିଲେ ମଧ ପ୍ରକାଶିତ ଗେଜେଟରେ ଏହାକୁ ୩୦.୦୫.୨୦୧୯ରୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଜଳ ନିଷ୍କାସନ ପାଇଁ ଗାଁ ରାସ୍ତା ହାଣିଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା,(ପିଏନ)- କେନ୍ଦ୍ରାପଡା ବ୍ଲକ ଅଧିନ କୋର ଗ୍ରାମ ପଂଚାୟତର ମୁଖ୍ୟ ରାସ୍ତାକୁ ଗ୍ରାମବାସୀମାନେ ଜଳ ନିଷ୍କାସନ ପାଇଁ କାଟି ଦେଇଥିବା ଜଣାପଡିଛି। ମୁଖ୍ୟ ରାସ୍ତାକୁ ପ୍ରାୟ ୪ ଫୁଟ୍ ଗହୀରର ଖୋଳି ଦେଇଥିବାରୁ ଗ୍ରାମବାସୀ ତଥା ଛାତ୍ରଛାତ୍ରୀମାନେ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଗ୍ରାମ ପଂଚାୟତର ପାଳକଣା ଦଳିତ ସାହିରେ ପାଣି ଜମି ରହି ବସ୍ତିର ଘର ବୁଡି ଯିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଗଚ୍ଛିତ ଜଳ ନିଷ୍କାସନ ପାଇଁ ବସ୍ତି ବାସିନ୍ଦାମାନେ କୋର ହାଇସ୍କୁଲ ପାଖ ମୁଖ୍ୟ ଆର୍.ଡି ରାସ୍ତାକୁ ଖୋଳି ଜଳ ନିଷ୍କାସନ କରିଛନ୍ତି। ଫଳରେ ଗ୍ରାମବାସୀ ଓ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ସମେତ ବାଇକ୍ ଆରୋହୀମାନେ ୪କିଲୋମିଟର ବୁଲାଣୀ ରାସ୍ତାରେ ଗ୍ରାମରେ ପ୍ରବେଶ କରିବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ପ୍ରତିକାର କରାଯାଇନାହିଁ। ତୁରନ୍ତ ଏହି ରାସ୍ତାରେ ହ୍ୟୁଣ୍ଡ ପାଇପ୍ ବସାଯାଇ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରାଇବାକୁ ଜିଲ୍ଲାପାଳଙ୍କଠାରେ ଗ୍ରାମବାସୀମାନେ ଦାବି କରିଛନ୍ତି।

# ରକ୍ତଦାନ ମହତ ଦାନ, ତେଣୁ ରକ୍ତଦାତାଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ

ଯାଜପୁର,(ପିଏନ୍)- ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଭୁବନେଶ୍ୱରପୁର, ବିଚିତ୍ରପୁର, ପଣସା, ମାଳଆନନ୍ଦପୁର ଓ ମହେଶ୍ୱରପୁର ପଂଚାୟତ ଗୁଡ଼ିକରେ ଯେଉଁମାନେ ରକ୍ତଦାନ କରିଚୁନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ଯାଇ ଅଶୋକ ଦାସ ଫାଉଣ୍ଡେସନ ଓ ଜିଲ୍ଲା ରେଡକ୍ରସ ସୋସାଇଟି ତରଫରୁ ରକ୍ତଦାତାଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଚ୍ଛି। ପ୍ରତି ସପ୍ତାହରେ ଗୋଟିଏ ପଂଚାୟତ ରକ୍ତଦାନ କରୁଚ୍ଛନ୍ତି । ପୂର୍ବଥର ଉପରୋକ୍ତ ପଂଚାୟତ ଗୁଡ଼ିକରୁ ପୁରଷ ଓ ମହିଳା ୨୫୦ ରୁ ୩୫୦ ୟୁନିଟ୍ ରକ୍ତ ପ୍ରଦାନ କରିଚ୍ଛନ୍ତି। ଜିଲ୍ଲାପାଇଁ ଏହା ଏକ ଗୌରବର ବିଷୟ। କଥାରେ ଅଚ୍ଛି ରକ୍ତଦାନ ମହା ପୂଣ୍ୟ, ରକ୍ତଦାତା ଜୀବନ ଦାତା ଅଟେ। ଜିଲ୍ଲାପାଳ ରଂଜନ କୁମାର ଦାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ରକ୍ତଦାତା ମାନଙ୍କୁ ସ୍ୱାଗତ କରିବା ସହିତ ଏହି ରକ୍ତଦାନକୁ ଏକ ମହତ ଦାନ ବୋଲି କହିଥିଲେ ଓ ରକ୍ତ ଜନିତ କାରଣରୁ ଦୁଃଖ ପାଉଥିବା ଜନସାଧାରଣ ଆଉ ଦୁଃଖିତ ହେବେନାହିଁ ବୋଲି କହିଥିଲେ ଓ ଜିଲ୍ଲାକୁ ରାଜ୍ୟରେ ଏକ ନମ୍ବର କରିବାକୁ ସେ ଆହ୍ୱାନ ଦେଇଥିଲେ । ଯାଜପୁରର ସ୍ୱେଚ୍ଛାକୃତ ରକ୍ତଦାନକୁ ଶ୍ରୀ ଦାସ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯଯାତି କେଶରୀ ଦାସ ଫାଉଣ୍ଡେସନର କର୍ମକର୍ତାଙ୍କୁ ପ୍ରଶଂସା କରି ରକ୍ତଦାନ ଦେଇ ଅନ୍ୟର ଜୀବନ ବଂଚାଇବା ଠାରୁ ମହାପୂଣ୍ୟ ଜଗତରେ କିଚ୍ଛି ନାହିଁ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ରକ୍ତଦାନ ପରେ ବଂଚି ରହିବା ଲୋକଟି ଯେତେ ଖୁସି ନ ହୁଏ ଦାନ କରିଥିବା ଲୋକଟି ଅଧିକ ଖୁସି ହୁଏ । ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଦେଓ କାର୍ଯ୍ୟକ୍ରମଟିକୁ ପରିଚାଳନା କରଥିଲେ । ସୁକନ୍ୟାର କଳାକାରମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ଜିଲ୍ଲାପାଳଙ୍କ ଦ୍ୱାରା ମା' କାଳୀଙ୍କର ଭଜନ କ୍ୟାସେଟ୍ ଉନ୍ମୋଚନ କରାଯାଇଥିଲା । ପ୍ରତି ରକ୍ତଦାନ ଶିବିରରେ ୯ ବର୍ଷର ବାଳକ ଚନ୍ଦ୍ରଶେଖର ରାଉତରାୟ ଉପସ୍ଥିତ ରହୁଥିବାରୁ ତାଙ୍କୁ ସମ୍ବର୍ଦ୍ଧନା କରିବା ସଂଗେ ସଂଗେ ପାଂଚଗୋଟି ପଂଚାୟତରୁ ଆସିଥିବା ରକ୍ତଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସ୍ଥିତ ଜନସାଧାରଣଙ୍କୁ ଧର୍ମେନ୍ଦ୍ର ନାୟକ ମଂଚ ଉପରକୁ ଡାକିଥିଲେ । ଶେଷରେ ପୂର୍ଣ୍ଣଚନ୍ଦ୍ର ଦେଓ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ପ୍ରତିଯୋଗିତା ଅନୁଷ୍ଠିତ

ଯାଜପୁର,(ପିଏନ)- ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଯାଜପୁର ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଯାଜପୁର ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଅଚ୍ଛି । ଶନିବାର ପୂର୍ବାହ୍ନରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଚ୍ଛାତ୍ର ଚ୍ଛାତ୍ରୀ ମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉଚ୍ଚ ବିଦ୍ୟାଳୟ ସ୍ତରରେ ୮ମ ରୁ ୧୦ମ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ଚ୍ଛାତ୍ରୀ ଏଲିଜା ପ୍ରିୟଦର୍ଶିନୀ ମହାପାତ୍ର ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଚ୍ଚକର ଚ୍ଛାତ୍ରୀ ବିଦିଶା ପଣ୍ଡା ଦ୍ୱିତୀୟ, ବିଧାନଚନ୍ଦ୍ର ଏକାଡେମୀ, ବାଲିଆପାଳର ଚ୍ଛାତ୍ରୀ ସଂଗୀତା ବେହେରା ତୃତୀୟ, ସେହିପରି ମହାବିଦ୍ୟାଳୟ ସ୍ତରରେ ଚିତାଲୋ ମହାବିଦ୍ୟାଳୟର ଚ୍ଛାତ୍ର ସତ୍ୟବ୍ରତ ଦାସ ପ୍ରଥମ, ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଚ୍ଛାତ୍ର କେଶରୀ ପ୍ରସାଦ ମହାନ୍ତି ଦ୍ୱିତୀୟ, ଗୁରୁକୁଳ କଳିଙ୍ଗ +୨ ଆବାସିକ ମହାବିଦ୍ୟାଳୟର ଚ୍ଛାତ୍ରୀ ଅନିଶା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଚ୍ଛନ୍ତି । ସେହିପରି ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ସନ ପବ୍ଲିକ ସ୍କୁଲର ଚ୍ଛାତ୍ର ଶ୍ରଷ୍ଟାଦତ୍ତ ମିଶ୍ର ପ୍ରଥମ, ଭୌମେଶ ପାତ୍ର ଦ୍ୱିତୀୟ ଓ ଶୁଭ୍ରକାନ୍ତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହାବିଦ୍ୟାଳୟ ସ୍ତରରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଚ୍ଛାତ୍ରୀ ସାହିଲ ମହାପାତ୍ର ପ୍ରଥମ, ଚିତାଲୋ ମହାବିଦ୍ୟାଳୟର ଚ୍ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ, କ୍ରାନିୟମ +୨ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ଚ୍ଛାତ୍ର ସତ୍ୟ ରଂଜନ ରାଉତ ତୃତୀୟ ସ୍ଥାନ ଅଧିକାର କରିଚ୍ଛନ୍ତି। ଏହି ପ୍ରତିଯୋଗିତାକୁ ସୂଚନା ଓ ଲୋକ ସଂପର୍କ ବିଭାଗ କର୍ମଚାରୀ ପ୍ରଭାତ କୁମାର ପଣ୍ଡା, ସତ୍ୟଜିତ୍ ନାୟକ, ରତିକାନ୍ତ ମହାନ୍ତି, ରବିନ୍ଦ୍ର କୁମାର ଦାସ ପ୍ରମୁଖ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ।

# ପୋଖରୀରେ ବିଷ ପକାଇ ଲକ୍ଷାଧିକ ଟଙ୍କାର ମାଛ ମାରିଦେଇଥିବା ଅଭିଯୋଗ

କେନ୍ଦ୍ରାପଡା (ପିଏନ୍)- ପୋଖରିରେ ବିଷ ପକାଇ ଲକ୍ଷାଧିକ ଟଙ୍କାର ମାଛ ମାରି ଦେଇ ଥିବାର ନିକିରାଇ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ନିକିରାଇ ଥାନା ଅନ୍ତର୍ଗତ ଇନ୍ଦୁପୁର ଚଣ୍ଡି ମନ୍ଦିର ନିକଟରେ ଥିବା ଏକ ପେଖରୀକୁ ସେହି ଗ୍ରାମର ଶରତ ମଲ୍ଲିକ ନାମକ ବ୍ୟକ୍ତି ନିଲାମ ନେଇଥିଲେ। ସେହି ପୋଖରୀଟିକୁ ନିଲାମ ନେବା ପାଇଁ ଆଶା ରଖିଥିବା ସେହି ଗ୍ରାମର କିଛି ଖଳ ପ୍ରକୃତିର ଲୋକ ଗତ ଶକ୍ରବାର ରାତିରେ ସେହି ପୋଖରୀରେ ବିଷ ପକାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି । ଫଳରେ ପୋଖରୀରେ ଛଡା ଯାଇଥିବା ଲକ୍ଷାଧିକ ଟଙ୍କାର ମାଛ ମରି ଯାଇଛନ୍ତି । ଏ ସମ୍ପର୍କରେ ଶରତ ନିକିରାଇ ଥାନାରେ ଅଭିଯୋଗ କରିବା ପରେ ସେହି ଅଭିଯୋଗକୁ ଭିତି କରି ନିକିରାଇ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଥିବା ସୂଚନା ମିଳିଛି ।

# ମଡେଲ ଡିଗ୍ରୀ କଲେଜ ପ୍ରାଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ମଡେଲ ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡଃ ଶ୍ରୀନିବାସ ଆଚାର୍ଯ୍ୟଙ୍କୁ କଲେଜ ପରିସର ମଧ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

ଏହି ଅବସରରେ ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡଃ ମଧୁସୂଦନ ସାହୁ ସ୍ୱାଗତ ଭାଷଣ ଦେଇ ବିଦାୟୀ ପ୍ରାଧ୍ୟାପକଙ୍କ ଦକ୍ଷତା ଓ ଗୁଣବତ୍ତା ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀ ଆଚାର୍ଯ୍ୟ ଦୀର୍ଘ ୩୭ ବର୍ଷ ଅଧ୍ୟାପନା କରିଥିବା ବେଳେ ଅନେକ ଉଚ୍ଚକୋଟୀର ଛାତ୍ରଛାତ୍ରୀ ଗଢିଥିବା ପ୍ରକାଶ କରିଥିଲେ । ଅଧ୍ୟାପକ ଡଃ ବିଜୟ କୁମାର ଦେ ମାନପତ୍ର ପଠନ କରିଥିବା ବେଳେ ଡଃ ଅକ୍ଷୟ କୁମାର ସାହୁ, ଭୁବନେଶ୍ୱର ମୁଦୁଲି, ଶିବ କୁମାର, ସୁଶାନ୍ତ ପଣ୍ଡା ପ୍ରମୁଖ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ଆଚାର୍ଯ୍ୟ ଉକ୍ତ ମହାବିଦ୍ୟାଳୟର ଅନୁଭୂତି ଓ ଉତମ ଶିକ୍ଷକର ବିବିଧ ଦିଗ ଉପରେ ମତ ରଖିଥିଲେ ।

ଏହି ଅବସରରେ ଶ୍ରୀ ଆଚାର୍ଯ୍ୟଙ୍କୁ କଲେଜ ତରଫରୁ ଉପଢୌକନ ସହ ମାନପତ୍ର ଦେଇ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ବି.କେ. ଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସଚେତନତା ଦ୍ୱାରା ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଓ କୁସଂସ୍କାର ଗୁଡିକର ପ୍ରତିରୋଧ ସମ୍ଭବ

କନ୍ଧମାଳ,(ପିଏନ)- ଗୁଣି ଗାରେଡି, ଡାହାଣୀ, ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ସେଭ ଦି ଚିଲ୍‌ଡ୍ରେନ୍ ଓ ଅନନ୍ୟା ବାଳିକା ମହାସଂଘର ମିଳିତ ପ୍ରଚେଷ୍ଟାରେ ଆଜି ଚାଂଚେଡି ଗ୍ରାମରେ ଗ୍ରାମପଂଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଅତିରିକ୍ତ ଦୌରା ଜଜ୍ ଶ୍ରୀ ଅରବିନ୍ଦ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆମ ଅଂଚଳରେ ପ୍ରଚଳିତ ବିଭିନ୍ନ ଗୁଣି ଗାରେଡି ଓ ଅନ୍ଧବିଶ୍ୱାସ ବିଷୟରେ ଆଲୋଚନା କରିବା ସହିତ ଏହା ଦ୍ୱାରା ଜନସାଧାରଣ କିଭଳି ଠକାମିର ଶିକାର ହେଉଛନ୍ତି ଏବଂ ଏଥି ନିମନ୍ତେ ଥିବା ବିଭିନ୍ନ ଆଇନ୍ କାନୁନ୍ ବିଷୟରେ ଆଲୋଚନା କରି ଲୋକ ମାନଙ୍କୁ ସଚେତନ କରିଥିଲେ। ସରକାରୀ ଆଇନଜୀବି ଶ୍ରୀ ବିଜୟ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗୁଣିଗାରେଡି ପଛରେ ଥିବା ବିଭିନ୍ନ ରହସ୍ୟ ସମ୍ପର୍କରେ ଜନସାଧାରଣ ଯଦି ସଚେତନ ହୋଇ ପାରିବେ ତେବେ ଏହି ଭଳି ଏକ ସାମାଜିକ କଳଙ୍କକୁ ଦମନ କରାଯିବା ସହିତ ଜନସାଧାରଣଙ୍କୁ ଠକାମିର ଶିକାର ହେବାରୁ ରକ୍ଷା କରାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବିଜ୍ଞାନର ଚମତ୍କାରିତାକୁ ନେଇ କିଛି ଖଳ ଏବଂ ସ୍ୱାର୍ଥବାଦୀ ପ୍ରକୃତିର ଲୋକ ସାଧାରଣ ଜନତାଙ୍କୁ ଗୁଣିଗାରେଡି ନାମରେ ଠକିବା ସହିତ ଏହାକୁ ସେମାନଙ୍କର ରୋଜଗାରର ମାଧ୍ୟମ କରିଛନ୍ତି। ଏହି ଗୁଣିଗାରେଡି ଓ ଅନ୍ଧବିଶ୍ୱାସକୁ ସମାଜରୁ ବିଲୋପ କରିବା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ଓଡିଶା ହେତୁବାଦୀ ସମାଜରୁ ଦେବେନ୍ଦ୍ର ସୁତାର, ରବିନ୍ଦ୍ର କୁମାର ଗୌଡ ଓ କୁଞ୍ଜବିହାରୀ ପଣ୍ଡା ଏହି କର୍ମଶାଳାରେ ଯୋଗଦେଇ ବିଭିନ୍ନ ରାସାୟନିକ ପ୍ରତିକ୍ରିୟା, ମନୋବିଜ୍ଞାନ ଆଦିକୁ କେନ୍ଦ୍ର କରି କିଭଳି ଭାବରେ ଗାଁ ଗହଳିରେ ଗୁଣିଆ ମାନେ ଲୋକ ମାନଙ୍କୁ ଭୟଭିତ କରିବା ସହିତ ଅସାଧୁ ଉପାୟରେ ରୋଜଗାର କରିବା ସହିତ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି ଏହି ବିଷୟରେ ଲୋକ ମାନଙ୍କୁ ବିଭିନ୍ନ ପରୀକ୍ଷା ମାଧ୍ୟମରେ ସଚେତନ କରିଥିଲେ। ଗୁଣିଗାରେଡି, ତନ୍ତ୍ର ବିଦ୍ୟା ଆଦି ଲୋକ ମାନଙ୍କ ମନରେ ଭୟ ସୃଷ୍ଟି କରି ରୋଜଗାର କରିବାର ଏକ ମାଧ୍ୟମ ବୋଲି ଚାଂଚେଡି ଗ୍ରାମପଂଚାୟତ ସରପଂଚ ଶ୍ରୀ ରାଜ କିଶୋର ପ୍ରଧାନ କହିଥିଲେ। ଏହି ସଚେତନତା ମୂଳକ କାର୍ଯ୍ୟକ୍ରମରେ ଚାଂଚେଡି ପଂଚାୟତର ଶତାଧିକ ଜନସାଧାରଣ, କିଶୋରୀ ବାଳିକା ଯୋଗଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଫୁଲବଣୀ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନିରେ ଅତିଥି ମାନଙ୍କ ସହିତ ଓଡିଶା ହେତୁବାଦୀ ସମାଜର ସଦସ୍ୟ ମାନେ ଯୋଗଦେଇ କନ୍ଧମାଳ ଜିଲ୍ଲରେ ଏହି ସମସ୍ୟାକୁ କିଭଳି ଲୋକ ଲୋଚନକୁ ଅଣାଯିବା ସହିତ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରାଯିବ ସେ ନେଇ ଆଲୋଚନା କରିଥିଲେ।

# ୧୫ ବର୍ଷ ପରେ ପ୍ରଶାସନର ନିଦ ଭାଙ୍ଗିଲା : ପୂର୍ଣ୍ଣିମାକୁ ମିଳିଲା ସରକାରୀ ସହାୟତା

ଭଦ୍ରକ, (ପିଏନ)-ଏହି ଜିଲାର ବନ୍ତ ରାମଚନ୍ଦ୍ରପୁର ଗ୍ରାମର ଅସହାୟ ପୂର୍ଣ୍ଣିମା ନାୟକଙ୍କୁ ଦୀର୍ଘ ୧୫ ବର୍ଷ ପରେ ପ୍ରଶାସନିକ ସହାୟତା ମିଳିଛି।

ଏଠାରେ ସୂଚନାଯୋଗ୍ୟ ପୂର୍ଣ୍ଣିମା ନାୟକ ଦୀର୍ଘ ୧୫ ବର୍ଷ ଧରି ନିଜର ଅସୁସ୍ଥତା ନେଇ ଦୀର୍ଘ ୧୫ ବର୍ଷ ଧରି ଶୋଇ ରହିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ସରକାରୀ ସ୍ତରରେ କେବଳ ମାସିକ ୩ଶହ ଟଙ୍କା ଭତ୍ତା ଓ ୧୦ କେଜି ଅନ୍ନପୂର୍ଣ୍ଣା ଚାଉଳ ଯୋଗାଇ ଦିଆଯାଇଥିଲା। ତେବେ ଏହି ଖବର ବିଭିନ୍ନ ଗଣମାଧମରେ ବାରମ୍ବାର ପ୍ରକାଶ ପାଇବା ପରେ ଦୀର୍ଘ ୧୫ ବର୍ଷ ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ଜ୍ଞାନ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ରେବେକା ବିଲଙ୍ଗ ଓ ସାମାଜିକ କଲ୍ୟାଣ ଭାରପ୍ରାପ୍ତ ଅଧିକାରୀ ନିଶାକର ଖୁଣ୍ଟିଆ ତାଙ୍କ ଘରକୁ ଆସି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ ଅଟେ।

ପ୍ରାପ୍ତ ଖବରରୁ ଯାହା ଜଣାଯାଏ ତେବେ ପୂର୍ଣ୍ଣିମାକୁ ଯେତେବେଳେ ୨୦ ବର୍ଷ ବୟସ ସେତେବେଳେ ତାଙ୍କ ବାପା ତାଙ୍କୁ ବିବାହ ଦେଇଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ସଂପର୍କ ଠିକ୍ ନରହିବାରୁ ବିବାହର ବର୍ଷେ ପରେ ସେ ନିଜ ବାପଘରକୁ ଆସି ରହୁଥିଲେ। ଇତିମଧ୍ୟରେ ତାଙ୍କ ପିତା-ମାତାଙ୍କର ମୃତ୍ୟୁ ଘଟିସାରିଥିବାବେଳେ ଭାଇମାନେ ଆର୍ଥିକ ଅନାଟନ ମଧ୍ୟରେ ରହି ପୂର୍ଣ୍ଣିମାକୁ ନିଜ ଘରେ ଆଶ୍ରୟ ଦେଇ ସେବା ଶୁଶ୍ରୁଷା କରିଆସୁଛନ୍ତି। ପୂର୍ଣ୍ଣିମାର ଗୋଟିଏ ଭାଇ ମୂଲ ଲାଗୁଥିବା ବେଳେ ଆଉ ଜଣେ ଭାଇ ଜଜମାନ କାମ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ନିଜ ରୋଜଗାରରେ ନିଜ ପରିବାରକୁ ସେ ଚଳାଇ ପାରୁନଥିବାବେଳେ ପୂର୍ଣ୍ଣିମା ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ୨୦୦୩ ମସିହାରେ ପୂର୍ଣ୍ଣିମାକୁ ଆଣ୍ଠୁ ଗଣ୍ଠି ଧଇଲା। କ୍ରମେ ସେ ଆଉ ଚଲାବୁଲା କରିପାରିଲେ ନାହିଁ। ଆର୍ଥିକ ଅନାଟନ ଥିବାରୁ ଉପଯୁକ୍ତ ଚିକିତ୍ସା ଅନ୍ତରାୟ ସୃଷ୍ଟି କଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଆଜକୁ ୧୫ ବର୍ଷ ଧରି ସେ ଶଯ୍ୟାଶାୟୀ ରହି ନିଜ ଭାଗ୍ୟକୁ ନିନ୍ଦି ଆସୁଛନ୍ତି। ଦୀର୍ଘ ୧୫ ବର୍ଷ ଧରି ସେ କେବଳ ଶୋଇରହି କଷ୍ଟ ଓ ଯନ୍ତ୍ରଣା ଅନୁଭବ କରିଆସୁଛନ୍ତି। ଦିନକୁ ଦିନ ତାଙ୍କ ହାତଗୋଡ ସବୁ ବଙ୍କା ହୋଇଯାଉଛି। କିନ୍ତୁ ସେ ନିଜ ନିତ୍ୟକର୍ମ ସୂଚାରୁ ରୂପେ କରିବା ପାଇଁ ସରକାରଙ୍କ ଠାରୁ ଏକ ଟ୍ରାଇ ସାଇକେଲଟିଏ ମଧ ପାଇପାରିଲେ ନାହିଁ। ଯଦି ତାଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦିଆଯାଇପାରନ୍ତା, ତେବେ ସେ ନୂତନ ଜନ୍ମ ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday October 29 | ଭୁବନେଶ୍ୱର | ମଙ୍ଗଳବାର, ଅକ୍ଟୋବର ୨୯ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ଟାଟା ଷ୍ଟିଲ ପାଇଲା ବିଶ୍ୱ ଇସ୍ପାତ ସଂଗଠନ (ୱାର୍ଲଡ଼ଷ୍ଟିଲ)ର ୩ଟି ପୁରସ୍କାର

ମୁମ୍ବାଇ : ବିଶ୍ୱ ଇସ୍ପାତ ସଂଗଠନ (ୱାର୍ଲଡ଼ଷ୍ଟିଲ)ର ୧୦ମ ବାର୍ଷିକ ଇସ୍ପାତ ପୁରସ୍କାର କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ୩ଟି ପୁରସ୍କାର ଲାଭ କରିଛି । ସଂସ୍ଥାର "ୱିଅଲସୋମେକ ଟୁମୋରୋ" ଅଭିଯାନରେ 'ଡିଜିଟାଲ ଯୋଗାଯୋଗରେ ଉତ୍କର୍ଷତା' ଓ 'ଯୋଗାଯୋଗ କାର୍ଯ୍ୟକ୍ରମରେ ଉତ୍କର୍ଷତା' ଶ୍ରେଣୀରେ ଟାଟା ଷ୍ଟିଲ ଲିମିଟେଡ଼ ଷ୍ଟିଲି ପୁରସ୍କାର ଲାଭ କରିଥିବାବେଳେ ନୂଆ ସାମଗ୍ରୀ ବିକାଶର ସ୍ଥାୟୀତ୍ୱ ନିର୍ଦ୍ଧାରଣ ପାଇଁ ଏଲସିଏ ଉପକରଣ ପ୍ରସ୍ତୁତି ପାଇଁ 'ଜୀବନଚକ୍ର ନିର୍ଦ୍ଧାରଣରେ ଉତ୍କର୍ଷତା' ଶ୍ରେଣୀରେ ଟାଟା ଷ୍ଟିଲ ୟୁରୋପ ମଧ୍ୟ ଷ୍ଟିଲି ପୁରସ୍କାର ଲାଭ କରିଛି । ମେକ୍ସିକୋର ମଣ୍ଟେରି ଠାରେ ଗତ ୧୪ ତାରିଖରେ ଅନୁଷ୍ଠିତ ୱାର୍ଲଡ଼ଷ୍ଟିଲର ୨୦୧୯ ସାଧାରଣ ପରିଷଦ ବୈଠକ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ସିଇଓ ତଥା ଏମଡ଼ି ଟି.ଭି.ନରେନ୍ଦ୍ରନ, କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ, ଷ୍ଟିଲ ମାର୍କେଟିଂ ଓ ବିକ୍ରିର ଉପସଭାପତି ପୀୟୁଷ ଗୁପ୍ତା ଉପସ୍ଥିତ ରହି ଟାଟା ଷ୍ଟିଲ ଲିମିଟେଡ଼ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ଟାଟା ଷ୍ଟିଲ ୟୁରୋପ ପକ୍ଷରୁ କଂପାନୀର ସିଇଓ ତଥା ସିସିଓ ଡ଼କ୍ଟର ହେନରିକ ଆଡାମ ଓ ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହଂସ ଫିଚର ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲର ସିଇଓ ତଥା ଏମଡ଼ି ଟି.ଭି.ନରେନ୍ଦ୍ରନ କହିଛନ୍ତି ଯେ, ୱାର୍ଲଡ଼ଷ୍ଟିଲସ୍ ଷ୍ଟିଲି ପୁରସ୍କାରର ୧୦ମ ସଂସ୍କରଣରେ ଟାଟା ଷ୍ଟିଲ ଏକାଧିକ ପୁରସ୍କାର ପ୍ରାପ୍ତ ହେବା ଘଟଣାରୁ ଉତ୍କର୍ଷତା ପାଇଁ କଂପାନୀର ନିରନ୍ତର ଉଦ୍ୟମ ପ୍ରତିଫଳିତ ହୋଇଛି । ଏଥିପାଇଁ ସେ ୱାର୍ଲଡ଼ଷ୍ଟିଲକୁ ଧନ୍ୟବାଦ ଦେଇଥିଲେ । ୬ଟି ବିଭାଗ ମଧ୍ୟରୁ ଟାଟା ଷ୍ଟିଲ ୫ଟି ବିଭାଗ ପାଇଁ ମନୋନୀତ ହୋଇଥିଲା । ବିଗତ ବର୍ଷରେ ଇସ୍ପାତ ଶିଳ୍ପକୁ ଅବଦାନ ପାଇଁ ବ୍ୟକ୍ତିବିଶେଷ ବା କଂପାନୀ ସଦସ୍ୟଙ୍କୁ ସ୍ୱୀକୃତିସୂଚକ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।

## ୟେସ୍ ବ୍ୟାଙ୍କ ବିଷୟରେ ପ୍ରଚାର ହେଉଥିବା ଭୁଲ୍ ତଥ୍ୟ ଗୁଡ଼ିକୁ ଆଧାର କରି ବ୍ୟାଙ୍କ ପକ୍ଷରୁ ମୁମ୍ବାଇ ପୋଲିସ୍ ଏବଂ ସାଇବର ସେଲ୍ ନିକଟରେ ଫରିଆଦ ଦାଖଲ

ଭୁବନେଶ୍ୱର : ୟେସ୍ ବ୍ୟାଙ୍କ ପକ୍ଷରୁ ସୋସିଆଲ୍ ମିଡିଆ ଏବଂ ହ୍ୱାଟସ୍ଆପ୍‌ରେ ବ୍ୟାଙ୍କର ବିତ୍ତୀୟ ଅବସ୍ଥା ବିଷୟରେ ପ୍ରଚାର ହେଉଥିବା ଗୁଜବ ଏବଂ ଭୁଲ୍ ତଥ୍ୟ ଗୁଡ଼ିକୁ ଆଧାର କରି ବ୍ୟାଙ୍କ ମୁମ୍ବାଇ ପୋଲିସ୍ ଏବଂ ସାଇବର ସେଲ୍‌ରେ ଫରିଆଦ ଦାଖଲ କରିଛି । ୟେସ୍ ବ୍ୟାଙ୍କ ପକ୍ଷରୁ ଆବେଦନ କରାଯାଇଛି ଯେ ବ୍ୟାଙ୍କ ଗୁଡିକ ବିଷୟରେ ଭୁଲ୍ ତଥ୍ୟ ପ୍ରଚାର କରୁଥିବା ବ୍ୟକ୍ତି ଯଥା ଶୀଘ୍ର ଧରାଯାଉ ଏବଂ ସେମାନଙ୍କୁ କଠୋର ଦଣ୍ଡ ଦିଆଯାଉ ।

## ବି.ଏମ୍.ସି.ର ହୋଲଡିଙ୍ଗ ଟିକସ୍ ବୃଦ୍ଧି ବନ୍ଦ ଓ ବେଆଇନ୍ ପାର୍କିଂ ଫି ଆଦାୟର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବିରେ ଏକାଠି ହେଲେ ରାଜନେତା ଓ ନାଗରିକ ସମାଜ




ଭୁବନେଶ୍ୱର : ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ଆଜି ଉତ୍କଳ ସାମ୍ବାଦିକ ସମ୍ମିଳନୀ ସଭା କକ୍ଷରେ ବିଭିନ୍ନ ରାଜନୈତିକ ଦଳ ଓ ବିଭିନ୍ନ ୱାର୍ଡର ବାସିନ୍ଦା ମାନଙ୍କର ଏକ ଜନସମ୍ମିଳନୀ ଅନୁଷ୍ଠିତ ହୋଇ ବିଏମ୍‌ସିର ହୋଲଡିଂ ଟିକସ ବୃଦ୍ଧିର ବିରୋଧ କରାଯାଇଛି । ରାଜକୋଷ ଭରଣା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଯେତେବେଳେ ନିର୍ବାଚିତ ମ୍ୟୁନିସିପାଲ୍ କର୍ପୋରେସନ୍‌ର ନାହିଁ, ସେତିକିବେଳେ ହୋଲଡିଂ ଟିକସକୁ ବୃଦ୍ଧିକରିବା ନିଷ୍ପତ୍ତିକୁ ଏହି ସଂଗଠନମାନେ ଘୋର ବିରୋଧ କରିଛନ୍ତି । ଏହାସହିତ ରାଜକୋଷ ଭରିବା ନାଁରେ ବେଆଇନ୍ ପାର୍କିଂ ଫି ଆଦାୟ କରି ବିଗତ ୧୦ ରୁ ୧୫ ବର୍ଷ ଧରି ବିଏମ୍‌ସି କର୍ତ୍ତୃପକ୍ଷ ଯେଉଁଭଳି ଭାବରେ ବ୍ୟକ୍ତିଗତ ମୁନାଫା ଉଠାଇଛନ୍ତି ତା'ର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବାକୁ ଏହି ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଯଦି ଜନମତକୁ ସମ୍ମାନ ନ ଜଣାଇ ମ୍ୟୁନିସିପାଲ୍ କର୍ତ୍ତୃପକ୍ଷ ମନଇଛା ହୋଲଡିଂ ଟିକସ ବୃଦ୍ଧି ନିଷ୍ପତ୍ତିକୁ ସ୍ଥଗିତ ନ ରଖନ୍ତି ତା'ହେଲେ ଆଗାମୀ ୧ ତାରିଖ ଦିନ ମ୍ୟୁନିସପାଲ୍ କର୍ପୋରେସନ୍ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ଏହି ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଠାରେ ଉଲ୍ଲେଖଥାଉକି, ଗତ ୧୨ ତାରିଖ ଦିନ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ପକ୍ଷରୁ ରାଜଧାନୀ ବାସିନ୍ଦାଙ୍କ ନିମନ୍ତେ ହୋଲଡିଂ ଟିକସ ବୃଦ୍ଧି କରାଯିବାର ପ୍ରସ୍ତାବ ନିଆଯାଇଛି, ଯାହାକି ବିଭିନ୍ନ ଗଣମାଧ୍ୟମରେ ବହୁଳ ଭାବରେ ପ୍ରସାରିତ ହୋଇଛି । ଆସନ୍ତା ନଭେମ୍ବର ୧ତାରିଖଠାରୁ ଏହି ହୋଲଡିଂ ଟିକସ ପିଛିଲା ଭାବରେ ୨୦୧୯ ମସିହା ଅପ୍ରେଲ୍ ୧ ତାରିଖରୁ ଆଦାୟ କରାଯିବାର ପ୍ରସ୍ତାବ ରହିଛି । ସାଧାରଣ ପ୍ରଶାସନ ବିଭାଗର ଏକ ବିଜ୍ଞପ୍ତିକୁ ଆଳ କରି ଜମିର ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ଅନୁଯାୟୀ ଏହି ହୋଲଡିଂ ଟିକସ ବିଏମ୍‌ସି ଆଦାୟ କରିବ ବୋଲି ପ୍ରକାଶିତ ହୋଇଛି । ହୋଲଡିଂ ଟିକସ ଯଦି ବୃଦ୍ଧିପାଏ ତାହା ରାଜଧାନୀ ବାସିନ୍ଦାଙ୍କ ପାଇଁ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହେବ ବୋଲି ଏହି ସମ୍ମିଳନୀ ପ୍ରକାଶ କରିଛି । ବର୍ଷକୁ ୬ହଜାର ଟଙ୍କା ହୋଲଡିଙ୍ଗ ଟିକସ ଦେଉଥିବା ଘର ମାଲିକମାନଙ୍କୁ ୧୮ ହଜାର ଟଙ୍କା ବାର୍ଷିକ ହୋଲଡିଙ୍ଗ ଟିକସ୍ ଦେବାକୁ ପଡ଼ିବ । ଏହାଫଳରେ କେବଳ ଯେ ଘର ମାଲିକମାନଙ୍କ ଉପରେ ଏହି ବୋଝ ପଡ଼ିବ ତାହା ନୁହେଁ ରାଜଧାନୀରେ ଘରଭଡ଼ା ନେଇ ରହୁଥିବା ଭଡ଼ାଟିଆ, ଦୋକାନଘର ଭଡ଼ା ନେଇ ଛୋଟ ଛୋଟ ବ୍ୟବସାୟ କରୁଥିବା, ଡିଟିପି ସେଣ୍ଟର କରିଥିବା ବା ଛାପାଖାନା କରି ଆତ୍ମନିଯୁକ୍ତି ମାଧ୍ୟମରେ ନିଜର ଗୁଜୁରାଣ ମେଣ୍ଟାଉଥିବା ବହୁ ଯୁବକ ଯୁବତୀଙ୍କ ଉପରେ ହୋଲଡିଂ ଟିକସର ବୋଝ ଲଦି ହୋଇପଡ଼ିବ । ସେହିଭଳି ବିଭିନ୍ନ ରାସ୍ତା, ସପିଂମଲ, ହୋଟେଲ୍ ଓ ବ୍ୟବସାୟ ପ୍ରତିଷ୍ଠାନ ଆଗରେ ବିଏମ୍‌ସି ପକ୍ଷରୁ ବେଆଇନ୍ ପାର୍କିଂ ଫି ଆଦାୟ କରାଯାଉଛି । ଯାହାର କୌଣସି ହିସାବନିକାସ ବିଏମ୍‌ସି ପାଖରେ ନାହିଁ । ବର୍ଷବର୍ଷ ଧରି ରାଜଧାନୀ ବାସିନ୍ଦା ବେଆଇନ୍ ପାର୍କିଂ ଫି ଶୋଷଣର ଶିକାର ହୋଇଆସୁଛନ୍ତି । ଏହି ବେଆଇନ୍ ପାର୍କିଂ ଫି ର ବିଗତ ୧୦ ବର୍ଷ ଧରି ହିସାବର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବା ଏହି ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି । ବିଏମ୍‌ସି କର୍ତ୍ତୃପକ୍ଷ ରାଜଧାନୀବାସିନ୍ଦାଙ୍କୁ ମୌଳିକ ସେବା ଯୋଗାଇବା ପରିବର୍ତ୍ତେ ଯେଉଁଭଳି ଭାବରେ ଶୋଷଣ କରିଚାଲିଛନ୍ତି, ତାହାକୁ ଦଳମତ ନିର୍ବିଶେଷରେ ବିରୋଧ କରିବା ପାଇଁ ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି । ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଅମୀୟ ପାଣ୍ଡବ, ସିପିଏମ୍‌ର ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ୍-ଏଲ୍) ଲିବରେସନ୍‌ର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକର ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ମହାପାତ୍ର, ଭିଟାମାଟି ସୁରକ୍ଷା ମଞ୍ଚର ଅରୁଣ ଜେନା, ସମାଜବାଦୀ ପାର୍ଟି ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ନଗରିକ ସମାଜ ପକ୍ଷରୁ ଜଗବନ୍ଧୁ ଷଡ଼ଙ୍ଗୀ, ଅଧ୍ୟାପକ ସୁବାଷ ପଣ୍ଡା, କରୁଣାକର ହୋତା, ସନ୍ତୋଷ ଦାସ, ଆମ୍ବେଦକର ଲୋହିଆ ବିଚାରମଞ୍ଚର ଅବଦୁଲ୍ କାଲାମ୍ ଆଜାଦ୍ ପ୍ରମୁଖ ଯୋଗଦେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କର ମନଇଚ୍ଛା ହୋଲଡିଂ ଟିକସ ଆଦାୟ ନିଷ୍ପତ୍ତିକୁ ବିରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଜୟ ନାୟକ, ବିଜୟ ବେହେରା, ଦୀପଦାସ ଯାଦବ, ଦିପ୍ତୀ ରଂଜନ ପଣ୍ଡା ଓ ଦେବାଶିଷ ମହାପାତ୍ର ପ୍ରମୁଖ ସମ୍ମିଳନୀ ଆୟୋଜନର ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଶେଷରେ ଯୁବନେତା ସୁବ୍ରତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକେଭର ନିୟୁର ବ୍ରାଣ୍ଡ ଆମ୍ବାସାଡ଼ାର ହେଲେ ଡ଼ାଏନା ପେଣ୍ଟି

ଭୁବନେଶ୍ୱର: ଫରେଭର ନିୟୁ ପକ୍ଷରୁ ଭାରତରେ ଏହାର ବ୍ରାଣ୍ଡ ଆମ୍ବାସାଡ଼ାର ରୂପେ ମଡ଼େଲ ଏବଂ ଅଭିନେତ୍ରୀ, ଡ଼ାଏନା ପେଣ୍ଟିଙ୍କୁ ନିଯୁକ୍ତ କରାଯାଇଛି । ଉକ୍ତ ଘୋଷଣାକୁ ପାଳନ କରିବାକୁଯାଇ, ଡ଼ାଏନା ଏକ ଭିଡ଼ିଓରେ ଶରତ ଶୀତ ୨୦୧୯ କଲେକ୍ସନ ପ୍ରଦର୍ଶିତ କରିଛନ୍ତି । ଏଡ଼ବ୍ଲୁ ୧୯ କଲେକ୍ସନ ପୁରୁଣା ହଲିଉଡ଼ ଗ୍ଲାମରରୁ ଅନୁପ୍ରାଣିତ, ଯାହାକି ସମକାଳିକ ଅତି କ୍ଷୁଦ୍ର ଏବଂ କ୍ଲାସିକ ସୋଫିଷ୍ଟିକେସନର ଏକ ସମ୍ମିଶ୍ରଣ । ଉକ୍ତ କଲେକ୍ସନରେ ଡ଼ିପ୍ ପ୍ଲମସ, ଶିମରିଂ ଫ୍ୟାବରିକସ ଏବଂ ଡ଼ିପ୍ ଜ୍ୱଏଲଡ଼ ଟୋନର ବୈଶିଷ୍ଟ୍ୟ ରହିଛି । ଫରେଭର ନିୟୁର ଏଡ଼ବ୍ଲୁ ୧୯ କଲେକ୍ସନ ସମସ୍ତ ଫରେଭର ନିୟୁ ଷ୍ଟୋର ଏବଂ ବ୍ରାଣ୍ଡର ଅଫିସିଆଲ ୱେବସାଇଟରେ ଉପଲବ୍ଧ ହେଉଛି । ଏହି ଘୋଷଣା ପରିପ୍ରେକ୍ଷୀରେ ଡ଼ାଏନା କହିଛନ୍ତିଯେ, 'ଫରେଭର ନିୟୁପରି ଏକ ବ୍ରାଣ୍ଡ ସହିତ ଜଡ଼ିତ ରହିବା ବାସ୍ତବରେ ଏକ ଗର୍ବର ବିଷୟ, ଯାହାକି ଆଭ୍ୟ'ରିଣ ସୌନ୍ଦର୍ଯ୍ୟ ଏବଂ ଆତ୍ମବିଶ୍ୱାସ ପାଇଁ ଦଣ୍ଡାୟମାନ ଏବଂ ଏହା ହେଉଛି ଉପଯୁକ୍ତ ଆଧୁନିକ ମହିଳା ମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବ୍ରାଣ୍ଡ । ମୁଁ ଏହି ଫରେଭର ନିୟୁ ପରିବାରର ଏକ ଅଂଶ ହୋଇପାରିଥିବାରୁ ଅତ୍ୟ' ଆନନ୍ଦିତ ଏବଂ ଏହି ସହଭାଗିତାକୁ ଆହୁରି ଆଗକୁ ନେବା ପାଇଁ ଆଶାବାଦୀ ।' ଏହି ପରିପ୍ରେକ୍ଷୀରେ ଫରେଭର ନିୟୁ ଇଣ୍ଡିଆ ପକ୍ଷରୁ ଏହାର ଦେଶ ମୁଖ୍ୟ, ଧ୍ରୁବ୍ ବୋଗ୍ରା କହିଛନ୍ତିଯେ, 'ଆମ୍ଭେମାନେ ଏହି ସହବନ୍ଧିତାକୁନେଇ ଅତ୍ୟନ୍ତ ଆନନ୍ଦିତ ।

## ଏଇଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ଜେ ସି ଚୌଧରୀଙ୍କୁ ଲଣ୍ଡନର ହାଉସ୍ ଅଫ କମନ୍ସରେ 'ଗ୍ଲୋବାଲ ଗାନ୍ଧୀ ଆୱାର୍ଡ ୨୦୧୯' ସମ୍ମାନ ପ୍ରଦାନ

ଭୁବନେଶ୍ୱର/ନୂଆଦିଲ୍ଲୀ: ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍ଏଲ୍)ର ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ଏବଂ ଆକାଶ ହେଲ୍ଥକେୟାରର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜେ ସି ଚୌଧରୀଙ୍କୁ ଶିକ୍ଷା କ୍ଷେତ୍ରରେ ଭିନ୍ନ ପ୍ରକାର ଲିଗ୍‌କୁ ନେଇ ଭାରତରେ ବିପ୍ଳବ ଆଣିପାରିଥିବାରୁ 'ଗ୍ଲୋବାଲ୍ ଗାନ୍ଧୀ ଆୱାର୍ଡ ୨୦୧୯' ସମ୍ମାନ ପ୍ରଦାନ କରାଯାଇଛି । ଗ୍ଲୋବାଲ୍ ଗାନ୍ଧୀ ଆୱାର୍ଡକୁ ଶିକ୍ଷା କ୍ଷେତ୍ରରେ ଭିନ୍ନ ପ୍ରକାର ଲିଗ୍‌କୁ ନେଇ ଭାରତରେ ବିପ୍ଳବ ଆଣିବା ବିଷୟବସ୍ତୁକୁ ନେଇ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟ'1 ଅବସରରେ ୱେଷ୍ଟମିନ୍‌ଷ୍ଟର ଇନ୍ ଲଣ୍ଡନର ହାଉସ୍ ଅଫ୍ କମନ୍ସରେ ଖଦ୍ଦର ଗ୍ରାମ ଇଟଂରନ୍ୟାସନାଲ୍ ତରଫରୁ ଆୟୋଜନ କରାଯାଇଥିଲା । ବ୍ରିଟେନ୍‌ର ମାନ୍ୟବର ସାଂସଦ ଓ ଇଣ୍ଡୋ ବ୍ରିଟିସ ସର୍ବଦଳୀୟ ସଂସଦୀୟ ଦଳର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିରେନ୍ଦ୍ର ଶର୍ମା ନିଉ ଇଣ୍ଡିଆ ରାଇଜିଂ ଇଣ୍ଡିଆର ପ୍ରୋଗ୍ରାମ ଡାଇରେକ୍ଟର ଶ୍ରୀଯୁକ୍ତ ନଚିକେତା ଯୋଶୀଙ୍କ ସହ ମିଶି ଏହି ପୁରସ୍କାର ପ୍ରଦାନ କରିଥିଲେ । ଗାନ୍ଧୀଙ୍କ ଉପାୟରେ ଗାନ୍ଧୀ ଚି'ାଧାରାକୁ ଗ୍ରହଣ କରି ସମାଜର ଦୁର୍ବଳ ବର୍ଗଙ୍କ ପାଖରେ ପହଂଚିବା ଲାଗି ଗ୍ଲୋବାଲ୍ ଗାନ୍ଧୀ ପୁରସ୍କାର ପ୍ରଦାନ କରାଯାଉଛି । ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ ଏବଂ ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଆକାଶ ହେଲଥ୍‌କେୟାର କହିଛନ୍ତି ଯେ, 'ଏହି ପୁରସ୍କାର ଦ୍ୱାରା ସମ୍ମାନିତ ହେବା ଅତ୍ୟ' ବିନମ୍ରତାର ବିଷୟ । ସମାଜରେ ଶିକ୍ଷା କ୍ଷେତ୍ରରେ ଭିନ୍ନ ପରିବର୍ତ୍ତନ ଆଣିବା ଲାଗି ଏହି ସମ୍ମାନଜନକ ଆ'ର୍ଜାତିକ ପୁରସ୍କାର ଆକାଶ ଏଡୁକେସନାଲ୍ ସର୍ଭିସେସ୍‌ର ମନୋବଳକୁ ଆହୁରି ବଢ଼ାଇବ । ଗାନ୍ଧୀଙ୍କ ଉପାୟରେ ଗାନ୍ଧୀ ଚି'ାଧାରାର ବ୍ୟବହାର କରି ଲୋକମାନଙ୍କ ପାଖରେ ପହଂଚିବା ଲାଗି ଏହି ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଏହି ପୁରସ୍କାର ହାସଲ କରିବା ନିଶ୍ଚିତ ରୂପେ ଗର୍ବର ବିଷୟ । ଏହି ସମ୍ମାନକୁ ଉଚିତ ନ୍ୟାୟ ପ୍ରଦାନ କରିବା ଲାଗି ଭବିଷ୍ୟତରେ ଏଇଏସ୍ଏଲ୍ ସର୍ବଦା ଶ୍ରେଷ୍ଠ ପଦକ୍ଷେପ ଗ୍ରହଣ କରିବା ଜାରି ରଖିବ ।''

## ଠିକା ପ୍ରଥା ଉଚ୍ଛେଦ ଓ ସର୍ବନିମ୍ନ ମଜୁରୀ ଦାବି ନେଇ ଓଡ଼ିଶା ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ମୁଖ୍ୟଶାସନ ସଚିବଙ୍କୁ ଭେଟି ଦାବି ଜଣାଇଲା

ଭୁବନେଶ୍ୱର : ଓଡ଼ିଶା ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ସଭାପତି ବିଜୟ ମଲ୍ଲଙ୍କ ନେତୃତ୍ୱରେ ଏକ କମିଟି ମୁଖ୍ୟ ଶାସନ ସଚିବ, ସାଧାରଣ ପ୍ରଶାସନ ଏବଂ ଅର୍ଥ ସଚିବଙ୍କୁ ଭେଟି ସରକାରଙ୍କ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଗଲା ଓ ସରକାରଙ୍କର '୫ଟି' ଯୋଜନା ପ୍ରଣୟନ ପାଇଁ ସରକାରଙ୍କୁ ସାଧୁବାଦ ଜଣାଯାଇଥିଲା । କିନ୍ତୁ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଗଲା କି ସରକାରଙ୍କ ମାଗଣା ଯୋଜନା ସହ ଅନ୍ୟାନ୍ୟ ସବୁପ୍ରକାରର ସରକାରୀ କାର୍ଯ୍ୟକୁ ସଫଳ ରୂପାୟନ କରୁଥିବା ମୋ ସରକାର ଓ '୫ଟି' ଯୋଜନାକୁ ଦିନରାତି ଏକ କରି ସଫଳ ରୂପାୟନ କରୁଥିବା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭାରତର ସର୍ବଶ୍ରେଷ୍ଠ ପ୍ରଶାସକ ଏବଂ ମୁଖ୍ୟମନ୍ତ୍ରୀ ଭାବରେ ପରିଗଣିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜ୍ୟର ହଜାର ହଜାର ଠିକା କର୍ମଚାରୀମାନଙ୍କ ଜୀବିକା ଓ ଜୀବନକୁ ନର୍କକୁ ଠେଲିଦେଇ ଠିକା କର୍ମଚାରୀମାନେ ସାମାନ୍ୟ ଦିନ ମଜୁରୀଆଙ୍କ ଦରମାଠାରୁ କମ୍ ଦରମାରେ ଗୋଟି ଖଟାଉଛନ୍ତି । ନିକଟରେ ସର୍ବୋଚ୍ଚ ଅଦାଲତ ସମାନ କାମକୁ ସମାନ ଦରମା ନିର୍ଦ୍ଦେଶ ଓ କେନ୍ଦ୍ର ସରକାରଙ୍କର ଦୁଇ ଦୁଇଟି ନିର୍ଦ୍ଦେଶନାମାକୁ ସରକାର କର୍ଣ୍ଣପାତ କରୁନାହାଁନ୍ତି । ସପ୍ତମ ବେତନରେ ପ୍ରଶାସନିକ ଅଧିକାରୀମାନେ ନିଜ ଦରମା ବହୁଗୁଣିତ କରିଥିବା ବେଳେ ଠିକା କର୍ମଚାରୀଙ୍କ କ୍ଷେତ୍ରରେ ସପ୍ତମ ବେତନ ଲାଗୁ ନ କରିବା ରାଜ୍ୟରେ ପ୍ରଶାସନିକ ଅରାଜକତାର ନଗ୍ନ ନମୂନା ଏବଂ ଉଚ୍ଚ ନୀଚ ଦରମା ବିଭେଦ ୨ ଲକ୍ଷରୁ ଅଧିକ । ଆଜିର ପ୍ରତିନିଧି ମଣ୍ଡଳୀରେ ସଂଘର ଉପଦେଷ୍ଟା ପ୍ରଭାତ ମହାନ୍ତି ଯୋଗଦେଇ ସରକାରଙ୍କ ଏହି ବର୍ଗର କର୍ମଚାରୀଙ୍କ ପ୍ରତି ଚରମ ଅବହେଳା ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଅସଂଗତ ଦରମାକୁ ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସହ କଥାବାର୍ତ୍ତା କରି ଠିକା କର୍ମଚାରୀମାନଙ୍କୁ ନ୍ୟାୟ ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବେ ।

## ଛଅ ମାସରେ ୭୧୯ କମ୍ପାନୀ ସହ ଆଇଟିଆଇ ସହବନ୍ଧିତ

ଭୁବନେଶ୍ୱର : ସ୍କିମ ପରିବର୍ତ୍ତନ ଦ୍ୱାରା ଡିଜିଟିର ଦୈତ୍ୟ ପ୍ରଶିକ୍ଷଣ ପ୍ରଣାଳୀ ରେ ସୁଧାର ବ୍ୟବହାରିକ ପ୍ରୋତ୍ସାହନ ସ୍କିଲ ଡେଭେଲପମେଂଟ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରାଳୟ ଦ୍ୱାରା ଆଗତ ସୁଧାରର ଛଅ ମାସ ମଧ୍ୟରେ ଡୁଆଲ ସିଷ୍ଟମ ଅଫ ଟ୍ରେନିଂ (ଡିଏସ୍‌ଟି) ପ୍ରଭାବରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ୭୧୯ଟି କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବିଗତ ତିନି ବର୍ଷ ମଧ୍ୟରେ ଏହି ସଂଖ୍ୟା ମାତ୍ର ୧୩୬ ଥିଲା । ଏହି ୭୦୦ ରୁ ଉର୍ଦ୍ଧ୍ୱ ସହବନ୍ଧନ ମଧ୍ୟରେ କେବଳ ଏନଏସଟିଆଇ ଦ୍ୱାରା ୩୭ ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ମାନବ ସମ୍ବଳ ବିକାଶ ଲକ୍ଷ ନେଇ ୨୦୧୬ ମସିହାରେ ସରକାରୀ ଓ ବେସରକାରୀ ଆଇଟିଆଇ ମାନଙ୍କ ସହ ଶିଳ୍ପ ଓ ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କ ସହବନ୍ଧନ ନିମନ୍ତେ ଡିଏସ୍‌ଟି ପ୍ରଚଳନ କରାଯାଇଥିଲା । ଜାନୁଆରୀ ୨୦୧୯ରେ ଏଥିରେ ପରିବର୍ତ୍ତନ ଅଣାଯାଇ ଉଦ୍ୟୋଗ ମାନଙ୍କର ଆବଶ୍ୟକତା ଅନୁସାରେ ଏହାର ପରିସୀମା ବୃଦ୍ଧି କରାଯାଇଥିଲା । ଡିଏସ୍‌ଟି ସ୍କିମ ଅଧିନରେ ଦିଆଯାଉଥିବା ପ୍ରଶିକ୍ଷଣ ଉଦ୍ୟୋଗ ମାନଙ୍କର ଆବଶ୍ୟକତା ପୁରଣ ପାଇଁ ତାତ୍ୱିକ ସହ ବ୍ୟବହାରିକ ଜ୍ଞାନ ଉପରେ ଗୁରୁତ୍ୱ ଦେବାର ବ୍ୟବସ୍ଥା ରହିଛି । ପ୍ରଶିକ୍ଷଣ ଶେଷ ହେବା ପରେ ବିଦ୍ୟାର୍ଥୀ ମାନଙ୍କୁ ନ୍ୟାସନାଲ ଟ୍ରେଡ ସାର୍ଟିଫିକେଟ (ଏନଟିସି) ଦିଆଯାଇଥାଏ । ସ୍କିଲ ଡେଭେଲପମେଂଟ ଏଣ୍ଡ ଏଂଟରପ୍ରେନିଓରସିପ ମନ୍ତ୍ରୀ ଡଃ ମହେନ୍ଦ୍ର ନାଥ ପାଣ୍ଡ କହିଛନ୍ତି, 'ଡୁଆଲ ସିଷ୍ଟମ ଅଫ ଟ୍ରେନିଂ ସହଯୋଗୀ ପ୍ରଶିକ୍ଷଣ ଓ ଉତ୍ପାଦନ ପାଇଁ ଅନୁମତି ଦେଇଥାଏ । ଏହା ଦ୍ୱାରା ଅଭିନବୀକରଣ ଓ ଲକ୍ଷ କେନ୍ଦ୍ରୀତ ପ୍ରଶିକ୍ଷଣ ସମ୍ଭବ ହୋଇଥାଏ । ଏହି ପ୍ରଶିକ୍ଷଣ ନେଇଥିବା ବିଦ୍ୟାର୍ଥୀ ମାନେ ବିଶେଷଜ୍ଞ ବୋଲି ଗଣା ହୁଅନ୍ତି ।' ଏହି କାର୍ଯ୍ୟକ୍ରମରେ ଆଇଟିଆଇ ମାନଙ୍କୁ ଯୋଗଦେବା ପାଇଁ ପ୍ରୋତ୍ସାହନ ଦିଆଯାଏ । ଏହି ନୂତନ ତଥା ପରିବର୍ତ୍ତିତ ସ୍କିମ ଖୁବ ଆହତ ହୋଇଥିବାରୁ ଏହା ଦକ୍ଷତା କାର୍ଯ୍ୟକ୍ରମରେ ପ୍ରଭାବ ପାକାଇବ ବୋଲି ଆଶା କରାଯାଉଛି । ଏହି ସ୍କିମରେ ପରିବର୍ତ୍ତନ ଦ୍ୱାରା ଆଇଟିଆଇ ଏବଂ ଏନ୍ଏସ୍‌ଟିଆଇ ର ଅଧ୍ୟକ୍ଷ ମାନେ ଡିଜିଟି ବା ରାଜ୍ୟ ମାନଙ୍କ ହସ୍ତକ୍ଷେପ ବିନା ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଏମଓୟୁ କରିପାରିବେ । ସିଟିଏସ ଅଧିନରେ ଥିବା ସମସ୍ତ ୧୩୮ ଟି କୋର୍ସ ଡିଏସଟି ଅଧିନକୁ ଅଣାଯାଇଛି । ପୂର୍ବରୁ ଏହା ୧୭ ଟି କୋର୍ସ ରେ ସିମିତ ଥିଲା । ଆଇଟିଆଇ ମାନଙ୍କୁ ତୃତୀୟ ସିଫ୍‌ଟରେ ଡିଏସଟି ଅନୁବନ୍ଧନରେ ପ୍ରଶିକ୍ଷଣ ଚଳାଇବା ପାଇଁ ସ୍ୱତନ୍ତ୍ର ଅନୁମତି ଦିଆଯାଇଛି ।

# ଗଣଶିକ୍ଷା ବିଭାଗରେ '୫ଟି' କେବେ ?




ଭୁବନେଶ୍ୱର : ଅର୍ଗାନାଇଜେସନ୍ ଅଫ୍ ପ୍ୟାରେଣ୍ଟ ଆସୋସିଏସନ୍ ଫୋରମ୍ (ଓପାଫ) ତରଫରୁ ଘରୋଇ ବିଦ୍ୟାଳୟମାନଙ୍କରେ ମନୋମୁଖି କାର୍ଯ୍ୟକଳାପ, ଗଣଶିକ୍ଷା ବିଭାଗର ନିରବତା ଓ ସିବିଏସ୍‌ଇର ସ୍ଥାଣୁତା ଉପରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦବେଗ ପ୍ରକାଶ କରାଯାଇଛି । ବିଦ୍ୟାଳୟର ଗୁଣାତ୍ମକ ମାନ ବୃଦ୍ଧି କରି ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ ସହିତ ବେସରକାରୀ ବିଦ୍ୟାଳୟକୁ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ଆଇନ୍ ବା ରେଗୁଲେସନ୍ ବା ଓଡ଼ିଶା ଶିକ୍ଷା ଆଇନ୍ ୧୯୬୯ର ପରିବର୍ତ୍ତନ ନିମନ୍ତେ ଓପାଫ ଦାବି କରିଆସୁଛି । ଓପାଫର ଦାବିକୁ ଏଡ଼ାଇବା ପାଇଁ ଏକ ଫି ରେଗୁଲେସନ୍ କମିଟି (ଏଫ.ଆର.ସି.) ତା ୭.୩.୨୦୧୮ରେ ସରକାର ଗଠନ କରିଥିଲେ । ଏହାକୁ ଏକ ଫାର୍ସ ବୋଲି ଓପାଫ ପ୍ରତିକ୍ରିୟାରେ କହିଥିଲା । ଆର.ଟି.ଆଇ.ରେ ମିଳିଥିବା ସମସ୍ତ ତଥ୍ୟ ସରକାରଙ୍କ '୫ଟି' ସ୍ଲୋଗାନକୁ ଉପହାସ କରୁଛି । ଏଫ୍.ଆର.ସି. କମିଟି ୧୫.୦୯.୨୦୧୮ରେ ସୁପାରିଶ ଦେବାପରେ ୧.୧୧.୨୦୧୮ ସୁଦ୍ଧା ଡାଇରେକ୍ଟର ସେକେଣ୍ଡାରୀ ଏଜୁକେସନ୍ ଏହା ଉପରେ ଚୂଡାନ୍ତ ରିପୋର୍ଟ ଦେବାକୁ କୁହାଯାଇଥିଲା । ବିଭାଗ ଏନ୍.ସି.ପି.ସି.ଆର ତଥା ଅନ୍ୟାନ୍ୟ ନିୟମକୁ ଉଲ୍ଲେଖ କରି ୧୪.୧୧.୨୦୧୮ରେ ସରକାରଙ୍କ ପାଖକୁ ରିପୋର୍ଟ ପଠାଇ ସାରିଛି, କିନ୍ତୁ ସରକାର ଏହାକୁ ଲାଗୁ ନକରି ୬.୧୨.୨୦୧୮ରେ ଘରୋଇ ବିଦ୍ୟାଳୟଗୁଡ଼ିକର ତାଲିକା ପ୍ରକାଶ କରିଥିଲେ । ଗଣଶିକ୍ଷା ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୫୭୭୯ଟି ଘରୋଇ ବିଦ୍ୟାଳୟ ଥିଲାବେଳେ ମାତ୍ର ୨୯୧ଟିକୁ ଏନ୍.ଓ.ସି. / ସି.ଓ.ଆର. ଦିଆଯାଇଅଛି । ଯେଉଁ ଅଭିଭାବକମାନେ ପିଲାମାନଙ୍କୁ ଏନ୍.ଓ.ସି. ନଥିବା ସ୍କୁଲ୍‌ରେ ପାଠ ପଢ଼ାଇବେ, ସେମାନଙ୍କ ଭବିଷ୍ୟତ ପାଇଁ ସରକାର ଦାୟୀ ହେବେନାହିଁ । ଏ ନେଇ ଗଣଶିକ୍ଷା ବିଭାଗ ସଚିବ କହିଲେ ଯେ ରେଗୁଲେସନ୍ ଆକ୍ଟ ପ୍ରକ୍ରିୟା ସମୟ ସାପେକ୍ଷ ହୋଇଥିବାରୁ ଏଫ୍.ଆର.ସି. ଗଠନ କରାଯାଇଛି ଓ ପରେ ଏହା ଉପରେ କାର୍ଯ୍ୟହେବ । ଓପାଫ ପକ୍ଷରୁ ଏହା ଉପରେ ଏନ୍.ସି.ପି.ସି.ଆର. ରେ ମାମଲା କରିବା ସହିତ ଆର.ଟି.ଆଇ.ରେ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ମଗାଯାଇଥିଲା । ଏନ୍.ସି.ପି.ସି.ଆର.ରେ ସରକାର କହିଛନ୍ତି ଯେ, ରାଜ୍ୟରେ ୫୭୭୯ଟି ଘରୋଇ ବିଦ୍ୟାଳୟ ଅଛି ବୋଲି କୌଣସି ତଥ୍ୟ ନାହିଁ । କିନ୍ତୁ ଆର.ଟି.ଆଇ.ରେ ଓ ମନ୍ତ୍ରୀଙ୍କ ବିବୃତ୍ତିରେ ଏବଂ ୱେବ୍‌ସାଇଟ୍‌ରେ ଏହି ତଥ୍ୟ ରହିଅଛି । ଏଫ୍.ଆର.ସି. କମିଟିର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ସରକାର ଆଉ ଏକ ହାଇପାୱାର କମିଟି ଗଠନ କରିଛନ୍ତି । ଏଫ୍.ଆର.ସି. କମିଟିର ତଥ୍ୟ ପ୍ରକାଶିତ ନ ହେବା ହାଇପାୱାର କମିଟି ଗଠନର ବିବରଣୀ ଦିଆନଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ମନ୍ତ୍ରୀଙ୍କ ବିବୃତ୍ତିରେ ଯେଉଁ ୨୯୧ଟି ବିଦ୍ୟାଳୟର ଏନ୍.ଓ.ସି. / ସି.ଓ.ଆର. ସେ ସମ୍ପର୍କରେ ଆର.ଟି.ଆଇ.ରେ ପଚାରିଲେ ବିଚିତ୍ର ଉତ୍ତର ଆସୁଛି । ଉଦାହରଣସ୍ୱରୂପ ୟୁନିଟ୍-୮ ଡିଏଭି ସ୍କୁଲ୍ ବହୁବର୍ଷ ହେଲା ଚାଲିଥିଲେ ମଧ୍ୟ ଏହାର ଏହାର ଏନ୍.ଓ.ସି. ପାଇଁ କୌଣସି ଦରଖାସ୍ତ ହୋଇନାହିଁ କିମ୍ବା ବିଭାଗ ଏ ବିଷୟରେ କିଛି ଜାଣିନାହିଁ । ସି.ଓ.ଆର. ପାଇଁ ଯେଉଁ ପ୍ରମାଣପତ୍ର ଦାଖଲ କରିବାକୁ ହୁଏ ତାହା କୌଣସି ବିଦ୍ୟାଳୟ ଦାଖଲ କରିନାହାଁନ୍ତି କି ବିଭାଗ ପାଖରେ ତାହା ନାହିଁ । ଅର୍ଥାତ୍ ଯେଉଁ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ସି.ଓ.ଆର. ଦିଆଯାଇଛି, ତାହା ଅଭିସନ୍ଧିମୂଳକ । ଗୋଟିଏପଟେ ବେସରକାରୀ ବିଦ୍ୟାଳୟଗୁଡ଼ିକ ସହିତ ଭିତିରି ମେଣ୍ଟ ଓ ଅନ୍ୟପଟେ ଅଭିଭାବକମାନଙ୍କୁ ଏନ୍.ଓ.ସି. ଆଳରେ ଡର ଦେଖାଯାଉଛି । ଓପାଫର ଦାବି ହେଉଛି ଯେ, ଯେଉଁ ବିଦ୍ୟାଳୟଗୁଡ଼ିକ ଏନ୍.ଓ.ସି. / ସି.ଓ.ଆର. ନଥାଇ ଚାଲୁଛନ୍ତି, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ନୂତନ ଆଡ୍‌ମିସନ୍‌କୁ ବାରଣ କରାଯାଉ । ଏନ୍.ସି.ଇ.ଆର.ଟି. ବହିର ବାଧ୍ୟତାମୂଳକ କରି ଅଭିଭାବକମାନଙ୍କୁ ଅଯଥା ଖର୍ଚ୍ଚରୁ ମୁକ୍ତି ଦିଆଯାଉ । ଯେଉଁ ବିଦ୍ୟାଳୟ ସ୍ୱୀକୃତି ପାଇଁ ଯୋଗ୍ୟ ନୁହଁନ୍ତି, ସେଗୁଡ଼ିକ ସରକାର ନିଜ ହାତକୁ ନେଇ ପାଖ ସରକାରୀ ସ୍କୁଲ୍‌ରେ ମିଶାନ୍ତୁ ବା ମଡେଲ୍ ସ୍କୁଲ୍ ସହିତ ସାମିଲ୍ କରନ୍ତୁ । ଏନ୍.ଓ.ସି. / ସି.ଓ.ଆର. ତଥ୍ୟକୁ ଭିତ୍ତିକରି ସି.ବି.ଏସ୍.ଇ.ର ଦ୍ୱାରସ୍ଥ ହେବା ପରେ ସେମାନେ କହୁଛନ୍ତି ଯେ, ଜାଲ୍ ଅନୁଷ୍ଠାନକୁ ବାହାର କରିବା କାମ ଆମର ନୁହେଁ, ଜିଲ୍ଲାପାଳଙ୍କର । ସରକାର ଦେଇଥିବା ସି.ଓ.ଆର.କୁ ଭିତ୍ତିକରି ଆଫିଲିଏସନ୍ ଦିଆଯାଏ, କିନ୍ତୁ ଆଫିଲିଏସନ୍ ପାଇଥିବା ବିଦ୍ୟାଳୟର ଏନ୍.ଓ.ସି. / ସି.ଓ.ଆର. କପି ଆର.ଟି.ଆଇ.ରେ ମାଗିଲେ ମଧ୍ୟ ତାହା ହସ୍ତଗତ ହୋଇପାରୁନାହିଁ । ଏଥିରୁ ଜଣାପଡୁଛି ଶିକ୍ଷା ବିଭାଗ, ସି.ବି.ଏସ୍.ଇ. ଓ ବେସରକାରୀ ବିଦ୍ୟାଳୟମାନେ ମିଶି ଶିକ୍ଷାକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିଛନ୍ତି । ରାଜ୍ୟ ସରକାର '୫ଟି'ର ସ୍ଲୋଗାନକୁ ଶିକ୍ଷା ବିଭାଗରେ କାର୍ଯ୍ୟକାରୀ କରି ନୂଆ ରେଗୁଲେସନ୍ ଆକ୍ଟ ନିମନ୍ତେ ଓପାଫ ପକ୍ଷରୁ ଦାବି କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ଓପାଫର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ଦାସ, ସଭାପତି ଡଃ ଗଗନ ବିହାରୀ ରାଉତ, କାର୍ଯ୍ୟକାରୀ ସଭାପତି ସଂଯୁକ୍ତା ପାଣିଗ୍ରାହୀ, ଉପସଭାପତି ମଧୁସୂଦନ ବିଶ୍ୱାଳ, ସମ୍ପାଦକ ମୀତାରାଣୀ ସାହୁ, ଆର.ଟି.ଆଇ. ଆକ୍ଟିଭିଷ୍ଟ ପ୍ରଦୀପ ପ୍ରଧାନ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଭାରତରେ ବ୍ରେନ ଷ୍ଟ୍ରୋକର ବୃଦ୍ଧି

ଭୁବନେଶ୍ୱର : ଭାରତର ବହୁଳ ମାତ୍ରାରେ ଆଦୃତ ଆଳସ୍ୟ ଜୀବନଶୈଳୀ ଦେଶରେ ବହୁସଂଖ୍ୟକ ସ୍ୱାସ୍ଥ୍ୟଗତ ସମସ୍ୟା ସମେତ ଷ୍ଟ୍ରୋକର ବର୍ଦ୍ଧିଷ୍ଣୁ ସମସ୍ୟାକୁ ଜନ୍ମ ଦେବାରେ ଏକ ପ୍ରମୁଖ କାରଣ ଅଟେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚଓ) ଅନୁଯାୟୀ ପ୍ରତ୍ୟେକ ବର୍ଷ ପୃଥିବୀରେ ୧୫ ନିୟୁତ ଲୋକ ଏହି ଷ୍ଟ୍ରୋକରେ ଆକ୍ରାନ୍ତ ହୋଇଥାନ୍ତି, ଯେଉଁଥିରୁ ୫ ନିୟୁତ ଲୋକ ମୃତ୍ୟୁବରଣ କରୁଥିବାବେଳେ ଅନ୍ୟ ୫ ନିୟୁତ ଲୋକ ସବୁଦିନ ପାଇଁ ବିକଳାଙ୍ଗ ହୋଇଯାଆନ୍ତି । ପ୍ରତ୍ୟେକ ବର୍ଷ ଷ୍ଟ୍ରୋକର ଏହି କ୍ରମବର୍ଦ୍ଧିଷ୍ଣୁ ସମସ୍ୟା ପ୍ରତି ଏକ ଲକ୍ଷ୍ୟ ଲୋକଙ୍କ କ୍ଷେତ୍ରରେ ୧୦୫ ରୁ ୧୫୨ରେ ପହଞ୍ଚିଛି, ଯାହାକି ଏହାକୁ ଦେଶରେ ମୃତ୍ୟୁର ତୃତୀୟ ସାଧାରଣ କାରଣରେ ପରିଣତ କରିଛି । ନିକଟରେ ନ୍ୟୁରୋ ଭାସ୍କୁଲାର ସୋସାଇଟିର ହୋଇଥିବା ଚତୁର୍ଥ ସମ୍ମିଳନୀରୁ ପ୍ରକାଶ ପାଇଛି ଯେ ପ୍ରତି ୨୦ ସେକେଣ୍ଡରେ ଜଣେ ଭାରତୀୟ ବ୍ରେନ ଷ୍ଟ୍ରୋକର ଶିକାର ହେଉଛନ୍ତି । ବର୍ତ୍ତମାନ କେତେ ବର୍ଷ ହେବ ୨୫-୩୦ ବର୍ଷର ଯୁବପିଢ଼ୀଙ୍କ ମଧ୍ୟରେ ବ୍ରେନ ଷ୍ଟ୍ରୋକ ହେବାର ମାତ୍ରା ବଢୁଥିବାର ପରିଲକ୍ଷିତ ହେଉଛି । ଯାହାର ପ୍ରାଥମିକ କାରଣ ଗୁଡ଼ିକ ହେଉଛି ଜୀବନଶୈଳୀ ମୌଳିକ ଉପାଦାନ, ରକ୍ତ ଧମନୀ ଏବଂ ଆନୁବଂଶିକ ଅସ୍ୱାଭାବିକତା । ଯେହେତୁ ଏଗୁଡ଼ିକ ଜଣେ ବ୍ୟକ୍ତିର ଜୀବନଯାପନ ଶୈଳୀ ସହ ସମ୍ପର୍କିତ ତେଣୁ ଏହି ସ୍ୱାସ୍ଥ୍ୟଗତ ସମସ୍ୟା ଗୁଡ଼ିକ ମଧ୍ୟରୁ ଅନେକ ସମସ୍ୟା ଦୂରୀକରଣଯୋଗ୍ୟ । ମସ୍ତିଷ୍କ ଦୁଇ ପ୍ରକାରର ଷ୍ଟ୍ରୋକରେ ଆକ୍ରାନ୍ତ ହୋଇଥାଏ: ଇସକେମିକ୍ ଏବଂ ହେମୋରାହାଜିକଇସକେମିକ୍ ଷ୍ଟ୍ରୋକ : ସମସ୍ତ ଷ୍ଟ୍ରୋକ ଗୁଡ଼ିକ ମଧ୍ୟରୁ ୮ ପ୍ରତିଶ୍ରତ ଇସକେମିକ୍ ପ୍ରବୃତ୍ତିର ହୋଇଥାନ୍ତି । ମସ୍ତିଷ୍କରେ ବୃହତ ଧମନୀ ଗୁଡ଼ିକର ସଂକୋଚନ ଏହି ଇସକେମିକ୍ ଷ୍ଟ୍ରୋକର କାରଣ ହୋଇଥାଏ । ଏହି କ୍ଷେତ୍ରରେ ମସ୍ତିଷ୍କର କୋଷ ଗୁଡ଼ିକୁ ରକ୍ତ ପ୍ରବାହ ବନ୍ଦ ହୋଇ ଯାଇଥାଏ ଯାହାଫଳରେ କିଛି ଘଣ୍ଟା ମଧ୍ୟରେ କୋଷ ଗୁଡ଼ିକ ମୃତ କୋଷରେ ପରିଣତ ହୋଇଯାଆନ୍ତି । ମସ୍ତିସ୍କ କୋଷ ମଧ୍ୟକୁ ସାଧାରଣ ରକ୍ତର ପ୍ରବାହ ଏକ ପର୍ଯ୍ୟାୟିକ ପ୍ରତିକ୍ରିୟା ସୃଷ୍ଟିକରିଥାଏ ଯାହାକି 'ଇସକେମିକ କ୍ୟାସକେଡ' ଭାବେ ଜଣାଶୁଣା । ସମୟ ସହ ଏହା ମସ୍ତିଷ୍କରେ ଅଧିକ ସଂଖ୍ୟକ ଅଚଳ ଅଂଶର ଅଭିବୃଦ୍ଧି କରିଥାଏ ଯେଉଁଠାରେ ରକ୍ତର ପ୍ରବାହ କମିଯାଇଥାଏ କିନ୍ତୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇନଥାଏ । ତୁରନ୍ତ ଡାକ୍ତରୀ ଚିକିତ୍ସା କିମ୍ବା ମସ୍ତିସ୍କ କୋଷ ଗୁଡ଼ିକର ଏହି ଅଂଶକୁ ବଞ୍ଚାଇବା ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରିଥାଏ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray